## ବେଆଇନ ପଲିଥିନ କାରବାର ଉପରେ ଚଢ଼ାଉ

ଦେବଗଡ଼,(ଡି.ଏନ୍.ଏ.): ଦେବଗଡ଼ ପୌରାଞ୍ଚଳର ମୁଖ୍ୟ ବଜାର ସମେତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ବେଆଇନ ପଲିଥିନ ବ୍ୟବହାର କାରବାର ଉପରେ ଚଢ଼ାଉ କରାଯାଇଥିଲା। ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ନିର୍ଦ୍ଦେଶରେ ଗୁରୁବାର ପୂର୍ବାହ୍ନରୁ ପୌର ପରିଷଦ ନିର୍ବାହୀ ଅଧିକାରୀ ଆତସୀ ପରିଡ଼ା, ସିଏମ୍ଏମ୍ ଅଭିନାଶ ମିଶ୍ର ଓ ସିଡିଓ ମୋନାଲିସା ପଣ୍ଡା ପ୍ରମୁଖ ପୋଲିସ ଓ ବନ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ବ୍ୟବସାୟିକ ପ୍ରତିଷ୍ଠାନମାନଙ୍କରେ ପଲିଥିନ୍ ବ୍ୟବହାର ଯାଞ୍ଚ କରିଥିଲେ। ଏଥିସହିତ ଦୋକାନ ସମ୍ମୁଖରେ ବେଆଇନ ଭାବେ ଜବରଦଖଲ କରି ବ୍ୟବସାୟ କରୁଥିବା ଦୋକାନୀଙ୍କୁ ଚେତାବନୀ ଦେବା ସହ କେତେକଙ୍କ ସାମଗ୍ରୀ ଜବତ କରାଯାଇଛି। ଆଗକୁ ଯାଞ୍ଚ ପ୍ରକ୍ରିୟା ଜାରି ରହିବ ବୋଲି ନିର୍ବାହୀ ଅଧିକାରୀ ପରିଡ଼ା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଟ୍ରକ୍ ପଛରେ ପିଟିହେଲା ବାଇକ୍, ଯୁବକ ମୃତ

ବଡ଼ଗାଁ, ୪।୨ (ଡି.ଏନ.ଏ.): ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଖୁଣ୍ଟମୁଣ୍ଡା ଗାଁ ନିକଟ ରାଜ୍ୟ ରାଜପଥ- ୧୦ରେ ବୁଧବାର ବିଳମ୍ବିତ ରାତିରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଟକି ରହିଥିବା ଏକ ଟ୍ରକ ପଛରେ ବାଇକ୍ ଧକ୍କା ଦେଇଥିଲା। ଏଥିରେ ବାଇକ ଚାଳକ ସିଆଁମାଲ ଗ୍ରାମର ସୁରଜ ଟିଡୁ ଲୁକାସ(୨୨)ଙ୍କ ମୃତ୍ୟୁ ଘଟିଛି। ବୁଧବାର ଖୁଣ୍ଟମୁଣ୍ଡା ଗାଁକୁ ବିବାହ କାର୍ଯ୍ୟରେ ଯୋଗଦେଇ ରାତିରେ ଘରକୁ ଫେରୁଥିଲା ବେଳେ ପଛ ଲାଇଟ ନ ଥିବା ଟ୍ରକ ପଛପଟେ ବାଇକ୍ ଧକ୍କା ଦେଇଥିଲା।

### ଗଳାକାଟି ନାବାଳକ ଛାତ୍ର ଗୁରୁତର

ବଡ଼ଗାଁ, ୪।୨ (ଡି.ଏନ୍.ଏ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ଗ୍ରାମର ଜଣେ ନାବାଳକ ଛାତ୍ର ନିଜ ତଣ୍ଟି କାଟି ଗୁରୁତର ହୋଇଛନ୍ତି। ସାହାଜବାହାଲ ହାଇସ୍କୁଲରେ ମାଟ୍ରିକ ପଢୁଥିବା ଯୋଗେଶ ମଗର (୧୫)ଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କୁ ରାଉରକେଲାରେ ଚିକିତ୍ସା କରିଥିଲେ। ପୁନଃର୍ବାର ଦେହ ଖରାପ ହେବାରୁ ସୁନ୍ଦରଗଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବୁଧବାର ତାଙ୍କୁ ଘରକୁ ଅଣାଯାଇଥିଲା। ତେବେ ଗୁରୁବାର ମଧ୍ୟାହ୍ନରେ କୌଣସି କାରଣରୁ ବ୍ଲେଡରେ ତଣ୍ଟି ଓ ଶରୀରର ବିଭିନ୍ନ ସ୍ଥାନକୁ କାଟିଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବଡଗାଁ ଡାକ୍ତରଖାନା ଅଣାଯାଇଥିଲା। କିନ୍ତୁ ସେ ଚିକିତ୍ସାରେ ସହଯୋଗ କରି ନ ଥିଲେ। ତାଙ୍କୁ ରାଉରକେଲାର ଏକ ଡାକ୍ତରଖାନାକୁ ପଠାଯାଇଛି।

### ଜିଲା ମୁଖ୍ୟ ଡାକ୍ତରଖାନାରେ ବିଶ୍ୱ କର୍କଟ ଦିବସ ପାଳିତ

ଦେବଗଡ଼,୪।୨(ଡି.ଏନ୍.ଏ.):ଦେବଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସିଡିଏମ୍ଓ ମନୋଜ କୁମାର ଉପାଧ୍ୟାୟ ଏକ ଜନ ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରାଥମିକ ସ୍ତରରେ ନିରୂପଣ କରି ଉପଯୁକ୍ତ ଚିକିତ୍ସା କଲେ ରୋଗୀ ଆରୋଗ୍ୟ ହୋଇପାରିବ ବୋଲି ଉପାଧ୍ୟାୟ କହିଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ନରେଶ ଚନ୍ଦ୍ର ଦାଶ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପରିଚାଳକ ଉମେଶ ପ୍ରସାଦ ଷଡ଼ଙ୍ଗୀଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ଜଳଖିଆ ଦୋକାନରେ ଲାଗିଲା ନିଆଁ

ରାଉରକେଲା ଅଫିସ,୪।୨: ସେକ୍ଟର-୬ ସ୍ଥିତ ତ୍ରିନାଥ ମାର୍କେଟ ଅଞ୍ଚଳରେ ଥିବା ଦୋକାନ ନଂ ୨୮ରେ ନିଆଁ ଲାଗିଛି। ତ୍ରିନାଥ ମାର୍କେଟରେ ଦିଲୀପ ମଦକଙ୍କ ଜଳଖିଆ ଦୋକାନ ଅଛି। ଗୁରୁବାର ସନ୍ଧ୍ୟା ସାଢ଼େ ୬ଟାରେ ଜଳଖିଆ ତିଆରି କରିବା ପାଇଁ ଗ୍ୟାସ ଲଗାଇ ଥିବାବେଳେ ହଠାତ ନିଆଁ ଲାଗିଯାଇଥିଲା। ଦୋକାନରେ ଥିବା ବିଭିନ୍ନ ଗ୍ରାହକ ନିଆଁର ବେଗ ଦେଖି ଦୌଡ଼ି ପଳାଇ ଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପାଣି ଓ ବାଲି ପକାଇ ନିଆଁକୁ ଆୟତ୍ତ କରାଯାଇଥିଲା। ପରେ ଓଡିଶା ଅଗ୍ନିଶମ ବିଭାଗ ପକ୍ଷରୁ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲାଗିଥିବା ଗ୍ୟାସଟାଙ୍କିକୁ ଉଦ୍ଧାର କରିଥିଲେ।

# ଖତକୁରବାହାଲରେ ରାସ୍ତାକୁ ନେଇ ବିବାଦ

**ପ୍ରଶାସନ ସହ ଆଲୋଚନା କଲେ ବିଧାୟକ**

କୁତ୍ରା, ୪।୨ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଅନ୍ତର୍ଗତ କୁତ୍ରା ବ୍ଲକର ଖତକୁରବାହାଲ ଠାରେ ଥିବା ଶିବ ସିମେଣ୍ଟର ଚୂନ ପଥର ଖଣି (ବର୍ତ୍ତମାନ ଜିଏସଡବ୍ଲୁ ଦ୍ୱାରା ପରିଚାଳିତ) ଖୋଳା ଯାଇଥିବା ଏକ ରାସ୍ତାକୁ ନେଇ ବିବାଦ ପାଖାପାଖି ୧୦ ଦିନରେ ପହଞ୍ଚି ସାରିଲାଣି। ଖତକୁରବାହାଲରୁ ଆମ୍ବଗୋଭା ଓ ତରକେରା ପଞ୍ଚାୟତକୁ ସଂଯୋଗ କରୁଥିବା ଏକ ମାଟି ରାସ୍ତା ଲାଗି ରହିଛି। ଏହି ରାସ୍ତାରେ ଦୈନଦିନ ଭାବରେ ତିନି ଗୋଟି ପଞ୍ଚାୟତର ସାଧାରଣ ଜନତା ବ୍ୟବହାର କରି ଆସୁଥିଲେ। ପଞ୍ଚାୟତ କିମ୍ବା ଗ୍ରାମସଭାରେ ଅନୁମୋଦନ ନ ଥାଇ ମଧ୍ୟ ଜିଏସଡବ୍ଲୁ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପୂର୍ବରୁ ନିଜ ଲିଜ୍ ଅଞ୍ଚଳ ଦର୍ଶାଇ ରାସ୍ତା ଖୋଳିବା କାର୍ଯ୍ୟ ଆରମ୍ଭ କରିଦେଇଛି। ରାସ୍ତା ଖୋଳିବା ଦ୍ୱାରା ଲୋକଙ୍କର ଯିବାଆସିବା ସମସ୍ୟାର ସମ୍ମୁଖୀନ ହେବା ପରେ ପତ୍ରାପଡା, ବାଣ୍ଟୁପଡା ଅଞ୍ଚଳର ଲୋକମାନେ ପ୍ରତିବାଦ ଓ ଧାରଣା କାର୍ଯ୍ୟ ଆରମ୍ଭ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ମୂଳକ ସ୍ଥିତି ସୃଷ୍ଟି ହେବା ପରେ ପୋଲିସ ମଧ୍ୟ ମୁତୟନ ହୋଇଥିଲେ। ପରିସ୍ଥିତି ବର୍ତ୍ତମାନ ଶାନ୍ତ ଥିଲେ ମଧ୍ୟ ନିଜ ଜିଦରେ ସମ୍ପୃକ୍ତ ଅଞ୍ଚଳର ଗ୍ରାମବାସୀ ଅଟଳ ରହିଛନ୍ତି। ଖଣିକୁ ଏହି ଗ୍ରାମବାସୀମାନେ ବିରୋଧ କରୁ ନ ଥିବା ବେଳେ ସେମାନଙ୍କ ନିୟମିତ ବ୍ୟବହାରିକ ରାସ୍ତାକୁ ସ୍ୱାଭାବିକ କରାଯିବା ସହିତ ଗ୍ରାମବାସୀଙ୍କ ଇଚ୍ଛା ଅନୁଯାୟୀ ଖଣି କର୍ତ୍ତୃପକ୍ଷ ପଦକ୍ଷେପ ନିଅନ୍ତୁ ବୋଲି ମତ ରଖିଛନ୍ତି। ଅନ୍ୟପକ୍ଷରେ ନିଜ ନିର୍ବାଚନ ମଣ୍ଡଳୀର ବିଧାୟକ ଏହି ସମସ୍ୟାକୁ ଦୃଷ୍ଟିରେ ରଖି ରାଜଗାଙ୍ଗପୁର ବିଧାୟକ ଡ. ସିଏ ରାଜେନ ଏକ୍କା ଜିଲା ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଜିଏସଡବ୍ଲୁର ଖଣି ଓ କାରଖାନା ସମ୍ପ୍ରସାରଣ କାର୍ଯ୍ୟରେ ଅଞ୍ଚଳବାସୀଙ୍କ ମତାମତ ନ ନେବା ଓ ସ୍ଥାନୀୟ ନିଯୁକ୍ତିକୁ ପ୍ରାଥମିକତା ନ ଦେବା ଯୋଗୁ ବିବାଦକୁ କାରଖାନା କର୍ତ୍ତୃପକ୍ଷ ଆମନ୍ତ୍ରଣ କରୁଛନ୍ତି ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରୁଛନ୍ତି। ଗୁରୁବାର ଖତକୁରବାହାଲ ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଥିବା ଏକ ସଭାରେ ଏ ପ୍ରକାରର ମତ ଆସିଛି।

# ବାଇପାସ୍‌ରେ ଟ୍ରକ୍ ଡ୍ରାଇଭରଙ୍କୁ ଭୁଜାଲି ମାରି ଲୁଟ୍



ଡ୍ରାଇଭର ରଞ୍ଜନ କୁମାର ଦାସ ଚିକିତ୍ସିତ ହେଉଛନ୍ତି।

ରାଜଗାଙ୍ଗପୁର, ୪।୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଜାମପାଲି ସ୍ଥିତ ବାଇପାସ୍ ନିକଟରୁ ଏକ ଟ୍ରକର ଡ୍ରାଇଭରଙ୍କୁ ଭୁଜାଲି ମାରି ଲୁଟ ହୋଇଛି। ବାଇପାସ ନିକଟରେ ଦିନ ଦ୍ୱିପହରରେ କଣ୍ଟା ହେବା ପାଇଁ ଟ୍ରକଗୁଡ଼ିକୁ ଲାଇନ ହୋଇ ଛିଡା ହୋଇଥିଲା ବେଳେ ଏକ ମୋଟର ସାଇକେଲରେ ୩ଜଣ ଆସି ଏକ ହାଇୱାର ଡ୍ରାଇଭର ରଞ୍ଜନ କୁମାର ଦାସଙ୍କୁ ଭୁଜାଲି ମାରି ତାଙ୍କଠାରୁ ଟଙ୍କା ଲୁଟି କରି ଫେରାର ହେଉଥିଲା ବେଳେ ରଞ୍ଜନ ପାଟି କରିବାରୁ ସେଠାରେ ଉପସ୍ଥିତ ଥିବା ଅନ୍ୟ ଟ୍ରକ ଡ୍ରାଇଭର ଓ ସହ କର୍ମଚାରୀ ଗୋଡାଇ ଧରି ଛେଞ୍ଚି ରାଜଗାଙ୍ଗପୁର ପୋଲିସକୁ ଡାକି ହସ୍ତାନ୍ତର କରିଥିଲେ। ଏହି ଘଟଣାରେ ଦୁଇ ଜଣ ଫେରାର ହେବାରେ ସକ୍ଷମ ହୋଇଥିଲା ବେଳେ ଏମଡି ସାହିଦ ଓରଫ ଗଜନି ଧରାପଡିଥିଲା। ପୋଲିସ ଏକ ଲୁଟ ମାମଲା (ନଂ.୩୬/୨୧) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛନ୍ତି। ଏଠାରେ ପ୍ରକାଶଯୋଗ୍ୟ ଯେ, ଗତ ୩୧ ଜାନୁୟାରୀ, ୨୦୨୧ ଦିନ ଦ୍ୱିପହର ସମୟରେ ବାଇପାସରେ ଠିକ ଏହି ଭଳି ଘଟଣା ଘଟିଥିଲା।

# ଡାଲମିଆ ସିମେଣ୍ଟ ପକ୍ଷରୁ କମ୍ବଳ ବଣ୍ଟନ




ଡାଲମିଆ ସିମେଣ୍ଟ ପକ୍ଷରୁ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଉଛି।

ରାଜଗାଙ୍ଗପୁର, ୪।୨ (ଡି.ଏନ.ଏ)

ପ୍ରବଳ ଶୀତ ଲହରୀକୁ ଆଖିରେ ରଖି ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ଲାଞ୍ଜିବେର୍ଣ୍ଣା ଚୂନ ପଥର ଖଣିର ସାମାଜିକ ଦାୟୀତ୍ୱବୋଧ ବିଭାଗ (ସିଏସଆର) ତରଫରୁ ଲାଞ୍ଜିବେର୍ଣ୍ଣା ଅଞ୍ଚଳର ବୟସ୍କ ଲୋକମାନଙ୍କୁ ଚିହ୍ନଟ କରି କମ୍ବଳ ବଣ୍ଟନ କରାଯାଇଛି। ଏବେ କିଛି ଦିନ ହେବ ସମଗ୍ର ସୁନ୍ଦରଗଡରେ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି। ପ୍ରବଳ ଶୀତ ପ୍ରବାହରେ ଲୋକେ ଅସ୍ତବ୍ୟସ୍ତ ହୋଇ ଯାଇଛନ୍ତି। ପ୍ରବଳ ଥଣ୍ଡାକୁ ଆଖି ଆଗରେ ରଖି କମ୍ପାନୀ ଦ୍ୱାରା ଲାଞ୍ଜିବେର୍ଣ୍ଣା ଏବଂ ଖେରାମେଟା ଗ୍ରାମର ପାଖାପାଖି ୫୦୦ ବୟସ୍କ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏହି କମ୍ବଳ ବଣ୍ଟନ କାର୍ଯ୍ୟକ୍ରମରେ ସଙ୍ଗମ ମହିଳା ମଣ୍ଡଳର ସଭାନେତ୍ରୀ ସୁନିତା ଗୁପ୍ତା, ମିଲନ ମହିଳା ମଣ୍ଡଳର ସଭାନେତ୍ରୀ ପ୍ରିୟଙ୍କା ବାହେତି, ରୋଜାଲିନ ରାଉତ ଏବଂ ସିଏସଆର ବିଭାଗର ବରିଷ୍ଠ ପ୍ରବନ୍ଧକ ତପନ କୁମାର ନାୟକ ଉପସ୍ଥିତ ରହି କମ୍ବଳ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ ଏବଂ ଶାନ୍ତି ଶୃଙ୍ଖଳା ସହିତ ସମାହିତ କରିବା ପାଇଁ କଟାଙ୍ଗ ଗ୍ରାମ ପଞ୍ଚାୟତର ସରପଞ୍ଚ ପୁଷ୍ପା କେରକେଟା ଏବଂ ଲାଞ୍ଜିବେର୍ଣ୍ଣା ଗ୍ରାମର ସମସ୍ତ ୱାର୍ଡ ମେମ୍ବର ସହଯୋଗ ପ୍ରଦାନ କରିଥିଲେ। ଲାଞ୍ଜିବେର୍ଣ୍ଣାଲାଇମ ଷ୍ଟୋନ ଏବଂ ଡୋଲ ମାଇଟ୍ ଖଣିର ସାମାଜିକ ଦାୟୀତ୍ୱବୋଧ ବିଭାଗ (ସିଏସଆର) ନେତୃତ୍ୱରେ କାର୍ଯ୍ୟକ୍ରମଟି ସମ୍ପୂର୍ଣ୍ଣ ହୋଇଥିଲା।

# ଡିଜିଟାଲ ଇଣ୍ଡିଆର ଦିନିକିଆ କର୍ମଶାଳା

କୁଆଁରମୁଣ୍ଡା,୪।୨(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ମାରୱାଡି ଧର୍ମଶାଳାରେ ବୁଧବାର ଡିଜିଟାଲ ଇଣ୍ଡିଆ ପକ୍ଷରୁ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ଜନସେବା କେନ୍ଦ୍ରର ବରିଷ୍ଠ ନିର୍ବାହୀ ଅଧିକାରୀ ତଥା ୟୁସିଏଲ ସେବାର ଭାରପ୍ରାପ୍ତ ଅଧିକାରୀ ଦିବାକର ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଡିଜିଟାଲ ଇଣ୍ଡିଆର ଜନସେବା କେନ୍ଦ୍ର ଦ୍ୱାରା ଉଭୟ ଗ୍ରାମ ଓ ସହରାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ କିଭଳି ବିଭିନ୍ନ ସରକାରୀ ଯୋଜନାରେ ଯୋଡା ଯାଇପାରିବ ସେ ସମ୍ପର୍କରେ ଆବଶ୍ୟକୀୟ ଡିଜିଟାଲ ସ୍କିଲଗୁଡିକର ପ୍ରଦର୍ଶନ କରାଇଥିଲେ। ଏପରିକି ଅପହଞ୍ଚ ଇଲାକାର ଲୋକେ କିଭଳି ସରକାରୀ ସୁବିଧା ପାଇପାରିବେ ଓ ଡିଜିଟାଲ ଭିଲେଜ, ଟେଲି ମେଡିସିନ୍, ୱାନ କାର୍ଡ ୱାନନେସନ ଇତ୍ୟାଦି ବ୍ୟବସ୍ଥା ସଫଳ ଉପଯୋଗ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଏହି କର୍ମଶାଳା ସୁନ୍ଦରଗଡ଼ ଜିଲା ଡିଜିଟାଲ ଇଣ୍ଡିଆ ଶାଖା ପରିଚାଳକ ପ୍ରସାଦ କୁମାର ଚୌହାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୁଆଁରମୁଣ୍ଡା, ରାଏବୋଗା ଓ ବୀରମିତ୍ରପୁର ପୌରାଞ୍ଚଳର ସମସ୍ତ ଜନସେବା କେନ୍ଦ୍ରର ପରିଚାଳକମାନେ ଅଂଶଗ୍ରହଣ କରି ଆବଶ୍ୟକ ତାଲିମ ଗ୍ରହଣ କରିଥିଲେ।

# ଚାକିରି ଦେବା ଆଳରେ ଯୁବକଙ୍କୁ ଠକେଇ

ରାଉରକେଲା ଅଫିସ,୪।୨

ଛେଣ୍ଡଥାନା ଅନ୍ତର୍ଗତ କଳିଙ୍ଗବିହାର ଅଞ୍ଚଳରେ ଏକ ଘରୋଇ କମ୍ପାନୀରେ ଚାକିରି ଦେବାକୁ କହି ଜଣେ ଯୁବକଙ୍କୁ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ବାଲେଶ୍ୱର ଜିଲା ଜିମାମାଢ଼ିଆ ଗ୍ରାମରେ କୁନା ହେମ୍ବ୍ରମ(୧୯) ବାସ କରନ୍ତି। ଗତ୨୫ ତାରିଖରେ ଅନଲାଇନ ଯୋଗେ ରାଉରକେଲା ଅଞ୍ଚଳରେ ଏକ ଘରୋଇ କମ୍ପାନୀରେ କର୍ମଚାରୀ ଆବଶ୍ୟକ ବୋଲି ବିଜ୍ଞାପନ ବାହାରିଥିଲା। ଏନେଇ ସେ ଫୋନ ଯୋଗେ ରାଉରକେଲା କଳିଙ୍ଗ ବିହାର ଅଞ୍ଚଳରେ ଥିବା ଘରୋଇ କମ୍ପାନୀ ସହ ଯୋଗାଯୋଗ କରିଥିଲେ। ଗତ ୩୦ ତାରିଖରେ ତାଙ୍କର ଚାକିରୀରେ ଯୋଗ ଦେବା ପାଇଁ ଡାକରା ଆସିଥିବାରୁ ସେ ବସ ଯୋଗେ ରାଉରକେଲାରେ ପହଞ୍ଚି ଥିଲେ। ରାଉରକେଲା ଛେଣ୍ଡ ପେଟ୍ରୋଲ ପମ୍ପ ପାଖରେ କୁନା ପହଞ୍ଚିବା ପରେ ତାଙ୍କୁ ଉକ୍ତ କମ୍ପାନୀର ଦୁଇ କର୍ମଚାରୀ ସମ୍ରାଟ ଓ ଅଶୋକ କଳିଙ୍ଗବିହାର ସ୍ଥିତ ଏମ୍ଆଇଜି କ୍ୱାର୍ଟର୍ସ ନଂ୨/୧୭୧କୁ ନେଇ ଯାଇଥିଲେ। ସେଠାରେ କୁନାଙ୍କ ଠାରୁ କମ୍ପାନୀରେ କାମ କରିବା ପାଇଁ ନାମ ପଞ୍ଜିକରଣ ବାବଦକୁ ୪ ହଜାର ଟଙ୍କା ନେଇଥିଲେ। ପ୍ରଥମ ଦିନ କୁନାକୁ ଟ୍ରେନିଂ ଦେବାପରେ କମ୍ପାନୀ ପକ୍ଷରୁ ତାଙ୍କୁ ଏକ ଘରେ ବନ୍ଦ କରି ଧମକ ଚମକ ଦେବା ସହ ଦିନକୁ ଗୋଟିଏ ବେଳା ଖାଇବାକୁ ଦେଉଥିଲେ। ଉକ୍ତ କମ୍ପାନୀରେ ପ୍ରାୟ ପିଲାମାନଙ୍କୁ ଏଭଳି ମାନସିକ, ଶାରୀରିକ କଷ୍ଟ ଦିଆଯାଇଥିବାବେଳେ କୁନା ଗୁରୁବାର ସକାଳ ସାଢ଼େ ୫ଟାରେ ଉକ୍ତ ସ୍ଥାନରୁ ଲୁଚି ପଳାଇଆସିଥିଲେ। କଳିଙ୍ଗ ବିହାର ଅଞ୍ଚଳରେ ଥିବା ଏକ ହନୁମାନ ମନ୍ଦିର ନିକଟରେ କିଛି ଲୋକଙ୍କୁ ସେ ରାଉରକେଲା ବସଷ୍ଟାଣ୍ଡ ରାସ୍ତା କେଉଁପଟେ ପଚାରୁଥିବାବେଳେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଉକ୍ତ ଘଟଣା ବିଷୟରେ ଖୋଲି କହିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ କୁନା ଛେଣ୍ଡ ଥାନା ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଉକ୍ତ ଘଟଣାର ତଦନ୍ତ କରିଥିବା ଜଣାପଡ଼ିଛି।

# କଲ୍ୟାଣ ମଣ୍ଡପ ପାଇଁ ଭୂମିଦାନ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା



ଭୂମିଦାନ କରିଥିବା ୨ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

ନୂଆଗାଁ, ୪।୨ (ଡି.ଏନ.ଏ)

ସାମ୍ପ୍ରତିକ ପରିସ୍ଥିତିରେ ଜମି ଜାଗାର ମୂଲ୍ୟ ହୁହୁ ହୋଇ ବଢ଼ି ଚାଲିଥିବା ବେଳେ ଜଣେ ଅନ୍ୟ ଜଣଙ୍କୁ ଇଞ୍ଚେ ଜାଗା ଛାଡିବାକୁ ନାରାଜ। ଏପରିକି ଲୋକେ ସରକାରୀ ଜମିକୁ ମାଡି ବସି ନିଜ ଅଧିନରେ ରଖିଛନ୍ତି। ଏଭଳି ପରିସ୍ଥିତିରେ କୌଣସି ସହୃଦୟ ବ୍ୟକ୍ତି ଜମି ଦାନ କରିବା ନିଶ୍ଚିତ ରୂପେ ସେ ସମ୍ବର୍ଦ୍ଧନାର ପାତ୍ର। ଗୁରୁବାର ନୂଆଗାଁ ବ୍ଲକଠାରେ ଜମି ଦାନ ବା ଭୂମିଦାନ କରିଥିବା ୨ଜଣ ବ୍ୟକ୍ତିଙ୍କୁ ରାଉରକେଲା ବିଧାୟକ ସାରଦାପ୍ରସାଦ ନାୟକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସୂଚନାମୁତାବକ ଗତ ୪ ବର୍ଷ ହେଲା ନୂଆଗାଁ ପଞ୍ଚାୟତ ଫଣ୍ଡରୁ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ଆସିଥିଲା। କିନ୍ତୁ ସରକାରୀ ଜାଗା ଅଭାବରୁ ନା ନିର୍ମାଣ ହୋଇପାରୁଥିଲା କଲ୍ୟାଣ ମଣ୍ଡପ ନା ଖର୍ଚ୍ଚ ହୋଇପାରୁଥିଲା ସରକରୀ ଫଣ୍ଡ। ଏଭଳି ପରିସ୍ଥିତିରେ ନୂଆଗାଁ ଅଞ୍ଚଳର ମୋଦନ ମିଶ୍ର ଓ ରିବୁ ସିଂ ନାମକ ଦୁଇଜଣ ବରିଷ୍ଠ ନାଗରିକ ନିଜସ୍ୱ ଜମିକୁ ଦାନ ସୂତ୍ରରେ ବ୍ଲକ ପ୍ରଶାସନକୁ ପ୍ରଦାନ କରିଥିଲେ। କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ମୋଦନ ମିଶ୍ର ୧୫ ଡିସିମିଲ ଜମି ପ୍ରଦାନ କରିଥିବା ବେଳେ ରିବୁ ସିଂ ରାସ୍ତା ପାଇଁ ୨ ଡିସିମିଲ ଜମି ବ୍ଲକ ପ୍ରଶାସନକୁ ପ୍ରଦାନ କରିଛନ୍ତି। ଏହି ଉପଲକ୍ଷେ ଗୁରୁବାର ନୂଆଗାଁ ଠାରେ ଏକ ସମ୍ବର୍ଦ୍ଧନା ସଭା କରାଯାଇ ଉଭୟ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ ଜିଲା ପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା, ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା, ବ୍ଲକ ସଭାପତି ଦିଗାମ୍ବର ଦାସ, ବରିଷ୍ଠ ବିଜେଡି ନେତା ଗଜେନ୍ଦ୍ର ସାହୁ, ପ୍ରଦୀପ ସାହୁ, ସୁଶିଳା ଟୋପ୍ପ, ନିମାଇଁ ଆଚାର୍ଯ୍ୟ, ଜଗତକିଶୋର ସାହୁ, ଧରମ ଚାନ୍ଦ ଭଗତ ପ୍ରମୁଖ ଉପସ୍ଥିତ ରହିଥିଲେ। ବର୍ତ୍ତମାନ ମୋଦନ ମିଶ୍ର ଓ ରିବୁ ସିଂଙ୍କ ଏହି ମହତ କାର୍ଯ୍ୟ ଯୋଗୁ ନୂଆଗାଁ ଠାରେ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇପାରିବ। ଏଥିପାଇଁ ନୂଆଗାଁ ବୁଦ୍ଧିଜୀବୀ ମହଲରେ ମଧ୍ୟ ଉଭୟଙ୍କୁ ସ୍ୱାଗତ କରାଯାଇଛି।

# ବରିଷ୍ଠ ହକି ପ୍ରଶିକ୍ଷକ ସମ୍ବର୍ଦ୍ଧିତ

ରାଉରକେଲା ଅଫିସ,୪।୨

ବରିଷ୍ଠ ହକି ପ୍ରଶିକ୍ଷକ ଅମୂଲ୍ୟାନନ୍ଦ ବିହାରୀଙ୍କୁ ଅବସର ନେଇଥିବାରୁ ତାଙ୍କୁ ରାଉରକେଲା ମହାନଗର ନିଗମ ଓ ସ୍ମାର୍ଟସିଟି ଲିମିଟେଡ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ମାର୍ଟସିଟି ସିଇଓ ତଥା ଆରଏମ୍‌ସି କମିଶନର ଦିବ୍ୟଜ୍ୟୋତି ପରିଡ଼ା ବିହାରୀଙ୍କୁ ଉତ୍ତରୀ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ହକି ତାରକା ଲାଜରୁସ ବାର୍ଲା ଉପସ୍ଥିତ ଥିଲେ। ସୁନ୍ଦରଗଡ଼ ଜିଲାରେ ଅମୂଲ୍ୟ ବିହାରୀ ଖେଳାଳି ସୃଷ୍ଟି କରିବାରେ ମୂଖ୍ୟ ଭୂମିକା ରହିଥିଲା। ୧୯୮୬ରେ ବିହାରୀ ପାନପୋଷ ସ୍ପୋର୍ଟସ ହଷ୍ଟେଲରେ ହକି ପ୍ରଶିକ୍ଷକ ଭାବେ ଯୋଗଦେଇ ବିଭିନ୍ନ ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ଖେଳାଳି ସୃଷ୍ଟି କରିଛନ୍ତି। ପ୍ରଶିକ୍ଷକ ଭାବେ ସେ ବିଭିନ୍ନ ଖେଳାଳିଙ୍କୁ ତାଲିମ ପ୍ରଦାନ କରିଥିଲେ।

# ଲ୍ୟାମ୍ପସ୍‌ରେ ତାଲା ପକାଇଲେ ଚାଷୀ

**କିଞ୍ଜିରିକେଲାରେ ଧାନକିଣାରେ ଅବ୍ୟବସ୍ଥା**

ସୁନ୍ଦରଗଡ଼/ବାଲିଶଙ୍କରା, ୪।୨ (ଡି.ଏନ୍.ଏ)

ଧାନକିଣାରେ ଅବ୍ୟବସ୍ଥା ପ୍ରତିବାଦରେ ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ଅନ୍ତର୍ଗତ କିଞ୍ଜିରିକେଲା ଲ୍ୟାମ୍ପସ୍‌ରେ ଗୁରୁବାର ଚାଷୀମାନେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଚାଷୀମାନଙ୍କ ଅଭିଯୋଗ ମୁତାବକ ଏହି ଲ୍ୟାମ୍ପସ୍ ଅଧୀନରେ ଥିବା ଧାନମଣ୍ଡିରେ ଧାନ ବିକ୍ରୟ ପାଇଁ ଚାଷୀମାନଙ୍କୁ ମିଳିଥିବା ଟୋକନ ଅବଧି ଶେଷ ହେବା ପରେ ମଧ୍ୟ ଅଧିକାଂଶ ଚାଷୀଙ୍କଠାରୁ ବର୍ତ୍ତମାନ ସୁଦ୍ଧା ଧାନ କ୍ରୟ କରାଯାଇନାହିଁ। ଏନେଇ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କଠାରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଧାନକିଣା ଅବ୍ୟବସ୍ଥା ପ୍ରତିବାଦରେ ଶତାଧିକ ଚାଷୀ ଲ୍ୟାମ୍ପ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଟୋକନଧାରୀ ଚାଷୀମାନଙ୍କ ଠାରୁ ଧାନକ୍ରୟ କରା ନ ଯାଇ ମଧ୍ୟସ୍ଥି ତଥା ଅଣଚାଷୀମାନଙ୍କ ଠାରୁ ଧାନକ୍ରୟକୁ ଅଗ୍ରାଧିକାର ଦିଆଯାଉଛି। ଫଳରେ ଟୋକନଧାରୀ ଚାଷୀଙ୍କ ଧାନକ୍ରୟ ଅବଧି ଶେଷ ହେବାକୁ ବସିଥିବା ବେଳେ ମଣ୍ଡିରେ ଧାନବିକ୍ରୟ କରି ନ ପାରି ଚାଷୀମାନେ ହଇରାଣ ହେଉଛନ୍ତି। ଲ୍ୟାମ୍ପସ୍ ସମ୍ମୁଖରେ ଚାଷୀମାନେ ଧାନବସ୍ତା ରଖି ବିକ୍ଷୋଭ ପ୍ରଦର୍ଶନ କରିଥିବା ବେଳେ ସନ୍ଧ୍ୟାରେ ବାଲିଶଙ୍କରା ତହସିଲଦାର ରୀନା ନାଏକ ସେଠାରେ ପହଞ୍ଚି ଆନ୍ଦୋଳନରତ ଚାଷୀମାନଙ୍କୁ ବୁଝାସୁଝା କରୁଥିଲେ ମଧ୍ୟ ଚାଷୀମାନେ ଜିଲାପାଳଙ୍କ ଠାରୁ ଲିଖିତ ପ୍ରତିଶ୍ରୁତି ପାଇବା ପାଇଁ ଅଡିବସିଛନ୍ତି। ରାତି ପର୍ଯ୍ୟନ୍ତ ଚାଷୀମାନେ ଆନ୍ଦୋଳନ ଚଳାଇଛନ୍ତି।

# ସୁନ୍ଦରଗଡ଼ ଜିଲାରେ ହକିର ବିକାଶ ପାଇଁ ସରକାରଙ୍କ ଆନ୍ତରିକତା ନାହିଁ

ରାଉରକେଲା ଅଫିସ, ୪।୨

କଂଗ୍ରେସ ଭବନ ଠାରେ ଜିଲା କଂଗ୍ରେସ ପକ୍ଷରୁ ସଭାପତି ଜର୍ଜ ତିର୍କୀଙ୍କ ଅଧ୍ୟକ୍ଷତାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ ଜିଲାରେ ହକିର ବିକାଶ ପାଇଁ ରାଜ୍ୟ ସରକାରଙ୍କର ଆନ୍ତରିକତା ନାହିଁ। କେବଳ ସରଳ ଆଦିବାସୀଙ୍କ ଭାବାବେଗରୁ ରାଜନୈତିକ ଫାଇଦା ଉଠାଇବା ପାଇଁ ହକି ବିଶ୍ୱକପ୍, ବିଶ୍ୱସ୍ତରୀୟ ହକି ଷ୍ଟାଡିୟମ ପାଇଁ ସରକାର ଓ ସରକାରୀ ଦଳ ପ୍ରଚାର କରି ହଟଚମଟ ସୃଷ୍ଟି କରୁଛନ୍ତି ବୋଲି ଖବରଦାତା ସମ୍ମିଳନୀରେ ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ କୁହାଯାଇଛି। ୨୦୦୮ ମସିହା ଜୁନ୍ ୭ରେ ପାନପୋଷ କ୍ରୀଡା ଛାତ୍ରାବାସରେ ହକି ନର୍ସରୀ ଓ କ୍ରୀଡା କମ୍ପ୍ଲେକ୍ସ ପାଇଁ ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ ଉକ୍ତ କଥାକୁ ଭୁଲିଯାଇଛନ୍ତି। ସେହିପରି ଗତ ୨୦୧୪ ମସିହାରୁ ରାଉରକେଲାରୁ ହକି ଉତ୍କର୍ଷ କେନ୍ଦ୍ରକୁ ଭୁବନେଶ୍ୱର ସ୍ଥାନାନ୍ତର କରି ପାନପୋଷ କ୍ରୀଡା ଛାତ୍ରାବାସକୁ ବିକଳାଙ୍ଗ କରିଦିଆଯାଇଛି। ପାନପୋଷ କ୍ରୀଡା ଛାତ୍ରାବାସର ମଞ୍ଜୁରୀପ୍ରାପ୍ତ ୧୫୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୬ ଜଣ କୋଚ୍‌ଙ୍କ ଆବଶ୍ୟକତା ଥିବାବେଳେ ରାଜ୍ୟ ସରକାର ମାତ୍ର ୩ ଜଣ କୋଚ୍ ଏଠାରେ ନିଯୁକ୍ତ କରିଛନ୍ତି। ଗତ ୧୯୮୫ ମସିହାରେ ତତ୍କାଳୀନ କଂଗ୍ରେସ ସରକାର ସମୟରେ ରାଉରକେଲାରେ ପ୍ରତିଷ୍ଠା ହୋଇଥିବା ରାଜ୍ୟର ଏହି ପ୍ରଥମ କ୍ରୀଡା ଛାତ୍ରାବାସ ଅନେକ ଅନ୍ତର୍ଜାତୀୟ ସ୍ତରର ଖେଳାଳୀ ସୃଷ୍ଟି କରିଥିବା ବେଳେ ରାଜ୍ୟ ସରକାର ଏହି କ୍ରୀଡା ଛାତ୍ରାବାସ ପ୍ରତି ଗୁରୁତର ଅବହେଳା ଓ ଅବିଚାର କରିବା ବିଡମ୍ବନାର ବିଷୟ ବୋଲି ତିର୍କୀ କହିଛନ୍ତି। ଅନ୍ୟପଟେ ବିପିୟୁଟି ପରିସରରେ ୧୫ ଏକର ପରିମିତ ଜାଗାରେ ବିଶ୍ୱସ୍ତରୀୟ ହକି ଷ୍ଟାଡିୟମ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଗତ ୨୦୦୩ ମସିହାରେ ବିପିୟୁଟି ପ୍ରତିଷ୍ଠା ସମୟରେ ଆବଶ୍ୟକୀୟ ଜମି ଉପଲବ୍ଧ ହୋଇନଥିବା ବେଳେ ବର୍ତ୍ତମାନ ରାଜ୍ୟର ଏହି ଏକମାତ୍ର ବୈଷୟିକ ବିଶ୍ୱବିଦ୍ୟାଳୟ କ୍ୟାମ୍ପସର ୧୫ ଏକର ପରିମିତ ଜାଗାରେ ହକି ଷ୍ଟାଡିୟମ ପ୍ରତିଷ୍ଠା କରି ଉଚ୍ଚଶିକ୍ଷା ଓ ଗବେଷଣାରେ ବ୍ୟାଘାତ ସୃଷ୍ଟି କରିବା ତାହାକୁ ନେଇ ଦଳ ପକ୍ଷରୁ ପ୍ରଶ୍ନ କରାଯାଇଛି। ଉକ୍ତ ବିଶ୍ୱବିଦ୍ୟାଳୟ ପରିସରରେ ହକି ଷ୍ଟାଡିୟମ ପ୍ରତିଷ୍ଠା ପାଇଁ ୟୁଜିସି ଓ ଏଆଇସିଟିଇର ଅନୁମୋଦନ ନିଆଯାଇଛି କି ବୋଲି ତିର୍କୀ ପ୍ରଶ୍ନ କରି ଅନ୍ୟଥା ଆଗାମୀ ଦିନରେ ଏହି ଷ୍ଟାଡିୟମ ବିପିୟୁଟି ପାଇଁ ସମସ୍ୟା ସୃଷ୍ଟି କରିବାର ଆଶଙ୍କାକୁ ଏଡାଇ ଦେଇହେବ ନାହିଁ ବୋଲି ତିର୍କୀ କହିଛନ୍ତି।

# ପେନସନ ଲୋନ ପାଇଁ ହଇରାଣ: ଧାରଣା ଦେଲେ ସରପଞ୍ଚ

ବଡ଼ଗାଁ, ୪।୨ (ଡି.ଏନ.ଏ)




ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ମୁଖରେ ସରପଞ୍ଚ ଧାରଣା ଦେଉଛନ୍ତି।

ସୁନ୍ଦରଗଡ଼ ଜିଲା ବଡଗାଁସ୍ଥିତ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ)ରେ ପେନସନ ଲୋନ ପାଇଁ ଆବଶ୍ୟକ କାଗଜପତ୍ର ଦାଖଲ କରିଥିବା ଫୁଲବାରୀ ସରପଞ୍ଚ ଅହଲ୍ୟା ଲାକ୍ରାଙ୍କୁ ଲୋନ ନ ଦେଇ ହଇରାଣ କରାଯାଉଥିବା ଅଭିଯୋଗ ଉଠାଇଛନ୍ତି। ଗୁରୁବାର ପୂର୍ବାହ୍ନରେ ଏସବିଆଇ ସମ୍ମୁଖରେ ଧାରଣା ଦେଇଛନ୍ତି। ଲୋନ ନ ହେବା ପର୍ଯ୍ୟନ୍ତ ଦୈନଦିନ ପୂର୍ବାହ୍ନରୁ ଅପରାହ୍ନ ପର୍ଯ୍ୟନ୍ତ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବ୍ୟାଙ୍କ ମ୍ୟାନେଜର ଏସ. ଲୁଗୁନଙ୍କୁ ପଚରାଯିବାରେ ସେ କହିଛନ୍ତି ଲୋନ ପାଇଁ ଆବଶ୍ୟକ ସାକ୍ଷୀ ଦିଆଯାଇ ନ ଥିବାରୁ ଲୋନ ହୋଇପାରି ନାହିଁ କହିଥିଲା ବେଳେ ଅଭିଯୋଗକାରିଣୀ ଲାକ୍ରା ଫିଲ୍ଡ ଅଫିସର କହିବାନୁଯାୟୀ ପୁଅ ଅମରନାଥ ଲାକ୍ରାଙ୍କୁ ସାକ୍ଷୀ ଭାବେ ତାଙ୍କର ଆବଶ୍ୟକ କାଗଜପତ୍ର ଦାଖଲ କରିଥିବା କହିଛନ୍ତି। ୨୦୨୦ ନଭେମ୍ବର ମାସରୁ ଏ ଯାଏଁ ତାଙ୍କୁ ହଇରାଣ କରାଯାଇଥିବା ଓ ଅପମାନିତ କରି ତମ କାଗଜପତ୍ର ନେଇ ଯାଅ କହିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ଲିଖିତ ପ୍ରତିଶ୍ରୁତି ନମିଳିଲେ ଧାରଣାରୁ ଓହରିବେ ନାହିଁ କହିଛନ୍ତି।

## ସେଲ୍‌କୁ ସମସ୍ତ ପ୍ରକାର ସହଯୋଗ କରିବେ ମୁଖ୍ୟମନ୍ତ୍ରୀ

ରାଉରକେଲା ଅଫିସ: ସେଲ ଅଧ୍ୟକ୍ଷ ସୀମା ମଣ୍ଡଲ ଓ ରାଉରକେଲା ଇସ୍ପାତ କାରଖାନା ସିଇଓ ଦୀପକ ଚଟ୍ଟରାଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରିଛନ୍ତି। ସେଲ ସମ୍ବନ୍ଧୀୟ ବିଭିନ୍ନ ବିଷୟ ଉପରେ ଅଧ୍ୟକ୍ଷ ଓ ସିଇଓ ବିସ୍ତୃତ ଭାବେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି କାରଖାନା ପାଇଁ ଆବଶ୍ୟକ ସହଯୋଗ ନେଇ ଅବଗତ କରାଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ସମସ୍ତ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଓଡ଼ିଶା ଏହାର ମୂଲ୍ୟବାନ ଖଣିଜ ସମ୍ପଦର ସଦୁପଯୋଗ କରି ଦେଶର ଇସ୍ପାତ ରାଜଧାନୀ ତଥା ଦକ୍ଷିଣ ଏସିଆର ମେନୁଫାକ୍ଚରିଙ୍ଗ ହବ ରୂପେ ରୂପାନ୍ତରିତ କରିବା ପାଇଁ ଉପଲବ୍ଧ ଅନୁକୂଳ ପରିବେଶ ସମ୍ପର୍କରେ ଉଲ୍ଲେଖ କରିଛନ୍ତି।



### ସଂକ୍ଷେପରେ

## ଗାଡ଼ି ଧକ୍କାରେ ଯୁବକଙ୍କ ଜୀବନ ଗଲା

ସମ୍ବଲପୁର,୪।୨(ବ୍ୟୁରୋ): ସମ୍ବଲପୁର ଜିଲା ଧନୁପାଲି ଥାନା ଟାଙ୍ଗରପାଲି ନିକଟରେ ଗୁରୁବାର ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟାଙ୍ଗରପାଲି ଗ୍ରାମର ଭାନରିଆ ଟପ୍ପୋ (୨୬)। ପୋଲିସ ଏ ନେଇ ଏକ ମାମଲା ରୁଜୁ କରିଛି। ଭାନରିଆ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଏକ ଅଜଣା ଗାଡି ଧକ୍କା ଦେଇ ଚାଲିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ଭୀମସାର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ଚକା ଜାମ୍‌ରେ ସାମିଲ ହେବ କମ୍ୟୁନିଷ୍ଟ ପାର୍ଟି

ସମ୍ବଲପୁର, ୪।୨(ବ୍ୟୁରୋ): ସମ୍ବଲପୁର ଜିଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପରିବର୍ଦ୍ଧିତ କାର୍ଯ୍ୟକାରୀ ବୈଠକ ଗୁରୁବାର ଗୋଲବଜାର ଛକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଶୋକ ବିଶି ସଭାପତିତ୍ୱ କରିଥିଲେ। ସମ୍ପ୍ରତି ଚାଲିଥିବା କୃଷକ ଆନ୍ଦୋଳନକୁ ପାର୍ଟି ସମ୍ପୂର୍ଣ୍ଣ ସମର୍ଥନ କରିବାକୁ ସ୍ଥିର ହୋଇଛି। ଆସନ୍ତା ୬ ତାରିଖରେ ସର୍ବଭାରତୀୟ ଚକା ଜାମ୍ ଆନ୍ଦୋଳନରେ ଜିଲାର କର୍ମକର୍ତ୍ତା ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ଏହିଦିନ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମାଝିପାଲି ଛକଠାରେ ବିଜୁ ଏକ୍ସପ୍ରେସକୁ ବନ୍ଦ କରାଯିବ। ଏତଦ୍‌ବ୍ୟତୀତ ବସନ୍ତପୁର, ସାହାଜବାହାଲ ଜମି ସମସ୍ୟା, ସ୍ଥାନୀୟ ଯୁବତୀଯୁବକଙ୍କୁ କଳକାରଖାନାରେ ଅଗ୍ରାଧିକାର ଭାବେ ନିଯୁକ୍ତି, ବିଦ୍ୟୁତ୍ ଘରୋଇକରଣ ବନ୍ଦ, ମଣ୍ଡିରେ ଧାନ ବିକ୍ରି ନ ହୋଇ ପଡିରହିଥିବା ବିଷୟରେ ସଭ୍ୟମାନେ ଆଲୋଚନା କରିଥିଲେ। ସହସମ୍ପାଦକ କ୍ଷୀରୋଦ ସିଂଦେଓ, ରବୀନ୍ଦ୍ର ମହାନ୍ତି, ଜଗନ୍ନାଥ ପଣ୍ଡା, ଅରୁଣ ଖୁଣ୍ଟିଆ, ଧ୍ରୁବ ବେହେରା, ନୀରୋଦ ସିଂଦେଓ, ପାଣ୍ଡବ ମିର୍ଦ୍ଧା, ନାଟୁ ଗୋପାଳ ଆଲୋଚନାରେ ଭାଗ ନେଇଥିଲେ।

## କୃପାସିନ୍ଧୁଙ୍କୁ ମରଣୋତ୍ତର ଓଡିଶା ସଙ୍ଗୀତ ନାଟକ ସମ୍ମାନ ଦାବି

ସମ୍ବଲପୁର, ୪।୨ (ବ୍ୟୁରୋ): ସମ୍ବଲପୁର କଳା ପରିଷଦର ବରିଷ୍ଠ ସଦସ୍ୟ ତଥା ଗୀତିକାର ଓ ଲୋକବାଦ୍ୟ କଳାକାର କୃପାସିନ୍ଧୁ ଗୁରୁଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ହୋତାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। କୃପାସିନ୍ଧୁଙ୍କ ଫଟୋଚିତ୍ରରେ ସଭ୍ୟ, କଳାକାର, ପ୍ରଶିକ୍ଷାର୍ଥୀମାନେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବହୁମୁଖୀ ପ୍ରତିଭାର ଅଧିକାରୀ କୃପାସିନ୍ଧୁଙ୍କୁ ମରଣୋତ୍ତର ଓଡିଶା ସଂଗୀତ ନାଟକ ସମ୍ମାନ ପ୍ରଦାନ କରିବାକୁ ସଭ୍ୟମାନେ ଦାବି କରିଥିଲେ। ଏ ନେଇ ଏକ ପ୍ରସ୍ତାବ ମଧ ଗୃହୀତ ହୋଇଛି। ମନୋରଞ୍ଜନ ପାଢ଼ୀ, ଅପର୍ଣ୍ଣା ପାଢ଼ୀ, ବିଭୂତିଭୂଷଣ ପଟ୍ଟନାୟକ, ଡ. ବିଜୟ କୁମାର ପ୍ରଧାନ, ସରୋଜ ଦାଶ, ସୁଶାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ।



ଜିଲା ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟକୁ ଆସିଥିବା ଲୋକମାନେ ।

# ନିର୍ମାଣ ଶ୍ରମିକ କାର୍ଡ ନାଁରେ ଠକେଇ

■ଜିଲାପାଳଙ୍କୁ ଅଭିଯୋଗ, ଥାନାରେ ଏତଲା

■ଦଲାଲଙ୍କ ବାଇକ୍ ଆଣି ପୋଲିସ ଜିମା ଦେଲେ

ସମ୍ବଲପୁର,୪।୨(ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକର ଶତାଧିକ ମହିଳା ପୁରୁଷ ନିର୍ମାଣ ଶ୍ରମିକ କାର୍ଡ ପାଇବା ପାଇଁ ଗୁରୁବାର ଜିଲା ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟରେ ଭିଡ଼ ଜମାଇଥିଲେ। ସେଠାରେ ସେମାନେ କାର୍ଡ ତିଆରି ନାମରେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ପ୍ରଥମେ ଜିଲାପାଳ ଶୁଭମ୍ ସକ୍‌ସେନାଙ୍କୁ ଅଭିଯୋଗ କରିବା ପରେ ଧନୁପାଲି ଥାନାରେ ଏତଲା ଦେଇଥିଲେ। ଜିଲାପାଳ ସକ୍‌ସେନା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଏପରିସ୍ଥଳେ ଲୋକମାନେ ଶ୍ରମ ଅଫିସ ନିକଟରୁ ଏକ ନମ୍ବରବିହୀନ ବାଇକ୍ ଆଣି ପୋଲିସ ଜିମା ଦେଇଛନ୍ତି।

ଲୋକଙ୍କ ଅଭିଯୋଗ ଅନୁଯାୟୀ କୋଭିଡ୍ ସମୟରେ ରୋଜଗାର ହରାଇ ସେମାନେ ହାତବାନ୍ଧି ବସିଥିଲେ। ପଞ୍ଜୀକୃତ ନିର୍ମାଣ ଶ୍ରମିକ କାର୍ଡରେ ସରକାରୀ ସହାୟତା ମିଳୁଥିବାରୁ ଦଲାଲ ଭାବେ କାମ କରୁଥିବା ଜଣେ ଯୁବକ ଏହାର ସୁଯୋଗ ନେବାକୁ ଢରୋପାଣି ଗ୍ରାମକୁ ଯାଇ କାର୍ଡ ତିଆରି କରିଦେବେ ବୋଲି କହିଥିଲେ। କାର୍ଡ ପିଛା ୭ ଶହରୁ ୧୫ ଶହ ଟଙ୍କା ପର୍ଯ୍ୟନ୍ତ ନେଇଥିଲେ। ଟଙ୍କା ନେବା ପରେ ନିର୍ମାଣ ଶ୍ରମିକ କାର୍ଡ ଦେଇ ନ ଥିଲେ। କାର୍ଡ ମାଗିଲାବେଳକୁ ସେ ଶ୍ରମିକ ସଂଗଠନ ପରିଚୟ ପତ୍ର ପ୍ରଦାନ କରିଥିଲେ। ଏହି ପରିଚୟ ପତ୍ରରେ ସରକାରଙ୍କ ଯୋଜନା ପାଇଁ ଆବେଦନ କଲାପରେ ସେମାନେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। କାର୍ଡ ପାଇଁ କହିବା ପରେ ଗୁରୁବାର ଶ୍ରମ ବିଭାଗ ଅଫିସକୁ ଆସି କାର୍ଡ ନେଇଯିବ ବୋଲି କହିଥିଲେ। ଅଫିସ ଆସିବା ପରେ ସମ୍ପୃକ୍ତ ଯୁବକଙ୍କ ଦେଖା ମିଳି ନ ଥିଲା। ବାରମ୍ବାର ଫୋନ କରିବା ପରେ ବିଳମ୍ବରେ ଆସି କାର୍ଡ ପାଇଁ ପୁଣି ୩ ଶହ ଟଙ୍କା ଲେଖାଏ ଲାଗିବ ବୋଲି କହି ନେଇଯାଇଥିଲେ। ବିଳମ୍ବ ହେବାରୁ ଅଧିକାରୀଙ୍କ ବୈଠକ ଚାଲିଛି, ଖୁବ୍‌ଶୀଘ୍ର କାର୍ଡ ହୋଇଯିବ ବୋଲି କହି ଫେରାର ହୋଇଯାଇଥିଲେ। କେବଳ ଆମ ଗ୍ରାମରେ ନୁହେଁ, ରେଙ୍ଗାଲି ବ୍ଲକର ବିଭିନ୍ନ ଗ୍ରାମରେ ଯୁବକ ଜଣକ ଲୋକଙ୍କୁ ଠକିଛନ୍ତି ବୋଲି ଅଭିଯୋଗ କରିଥିଲେ। ରାଜ୍ୟ ସରକାର ସମସ୍ତ ଅଫିସକୁ ଦଲାଲମୁକ୍ତ କରିବା ପାଇଁ ଯୋଜନା କରିଛନ୍ତି। ହେଲେ ଶ୍ରମ ବିଭାଗ ଅଫିସରେ ନିୟମିତ ଭାବେ ଦଲାଲମାନଙ୍କ ରାଜ ଚାଲୁଛି। ନିରୀହ ଗରିବ ଲୋକେ ଏହା ଜାଣି ନ ପାରି ସେମାନଙ୍କ ହାବୁଡରେ ପଡୁଛନ୍ତି।

## ଜେଇ, ଇଓଙ୍କୁ କାରଣଦର୍ଶାଅ ନୋଟିସ

### ବୁର୍ଡା ପଞ୍ଚାୟତରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଅନିୟମିତତା

ସମ୍ବଲପୁର,୪।୨(ବ୍ୟୁରୋ)

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ବୁର୍ଡା ପଞ୍ଚାୟତରେ ଆର୍ଥିକ ଅନିୟମିତତା ହୋଇଥିବା ତଦନ୍ତରୁ ଜଣାପଡିଛି। ଏହି ଘଟଣାରେ ଡିଆର୍‌ଡିଏ କାର୍ଯ୍ୟାଳୟ ପକ୍ଷରୁ ଜେଇ ମହେଶ୍ୱର ବେହେରା ଓ ଇଓ ଖଗେଶ୍ୱର ପ୍ରଧାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ତଦନ୍ତରେ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅନିୟମିତତା ହୋଇଥିବା ସ୍ପଷ୍ଟ ହୋଇଛି। ପିଡି ସୁକାନ୍ତ ତ୍ରିପାଠୀଙ୍କ ସୂଚନା ଅନୁଯାୟୀ, ୪ରୁ ଅଧିକ ପ୍ରକଳ୍ପରେ କାମଠାରୁ ଅଧିକ ଟଙ୍କା ଉଠାଯାଇଛି। ଏଥିପାଇଁ ଦାୟିତ୍ୱରେ ଥିବା ୨ କର୍ମଚାରୀଙ୍କୁ ନୋଟିସ ହୋଇଛି। ଯଦି ସନ୍ତୋଷଜନକ ଉତ୍ତର ନ ଦେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଏହି ଘଟଣାରେ ସରପଞ୍ଚଙ୍କ ସମ୍ପୃକ୍ତିକୁ ନେଇ କାଗଜପତ୍ରରେ କୌଣସି ପ୍ରମାଣ ମିଳି ନ ଥିବା କହିଛନ୍ତି। ସୂଚନାଯୋଗ୍ୟ ବୁର୍ଡା ପଞ୍ଚାୟତରେ ସରକାରୀ କର୍ମଚାରୀ ଓ ରାଜନେତା ମିଳିମିଶି ସରକାରୀ ଟଙ୍କା ଆତ୍ମସାତ୍ କରୁଥିଲେ। ଏ ସମ୍ପର୍କରେ ଅଞ୍ଚଳବାସୀ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ସଂଗ୍ରହ କରିବା ପରେ ପିଡିଙ୍କ ପାଖରେ ଅଭିଯୋଗ କରିଥିଲେ। ଏକ ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ କରାଯାଇଥିଲା।

## ଅଙ୍ଗନୱାଡି ସହାୟିକା ଚୟନରେ ଅନିୟମିତତା


ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅଭିଯୋଗକାରୀ ।

ସମ୍ବଲପୁର,୪।୨(ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ତୁରିଟିକ୍ରା ଗ୍ରାମର ଅଙ୍ଗନୱାଡି ସହାୟିକା ନିଯୁକ୍ତି ଚୟନରେ ଅନିୟମିତତା ହୋଇଥିବା ନେଇ ପ୍ରାର୍ଥିନୀ ଜୟକାନ୍ତି ମରାଇ ଗୁରୁବାର ଜିଲାପାଳ ଶୁଭମ୍ ସକ୍‌ସେନାଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ତାଙ୍କ ଅଭିଯୋଗ କ୍ରମେ ବିଜ୍ଞାପନ ଅନୁସାରେ ସହାୟିକା ପଦ ପାଇଁ ଆବେଦନ କରିଥିଲେ। ହେଲେ କର୍ତ୍ତୃପକ୍ଷ ମନଇଚ୍ଛା ଚୟନ କରିଛନ୍ତି। ଶିକ୍ଷାଗତ ଯୋଗ୍ୟତା ଆଧାରକୁ ନିଆଯିବ ବୋଲି ବିଜ୍ଞାପନରେ ଉଲ୍ଲେଖ ରହିଛି। ହେଲେ ଏଠାରେ ନିୟମ ପାଳନ କରାଯାଇ ନାହିଁ। ଏହାର ତଦନ୍ତ କରାଯାଇ ଯୋଗ୍ୟ ପ୍ରାର୍ଥିନୀଙ୍କୁ ନିଯୁକ୍ତି ଦିଆଯାଉ ବୋଲି ସେ ଦାବି କରିଛନ୍ତି।

## ବୈଦିକ ବିଶ୍ୱଶାନ୍ତି ଯଜ୍ଞ

ପଦ୍ମପୁର, ୪।୨ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡରେ କୁଣ୍ଡାଖାଇରେ ଶ୍ରୀ ସିଦ୍ଧଗୁରୁ ଯୋଗ ସାଧନାପୀଠ ସହଯୋଗରେ ବୈଦିକ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଛି। ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀଙ୍କ ପୌରୋହିତ୍ୟରେ ଶିଶୁପାଳ ପ୍ରଧାନ ଦମ୍ପତି କର୍ତ୍ତା ହୋଇଥିଲେ। ସମଗ୍ର ବିଶ୍ୱରେ ପରିବେଶ ପ୍ରଦୂଷଣର ପ୍ରଭାବ ମାନବ ସମାଜ ଉପରେ ଅନୁଭୂତ ହେଉଛି। ସୁସ୍ଥ ସମାଜ ଗଠନରେ ଯଜ୍ଞର ଆବଶ୍ୟକତା ରହିଛି। ତେଣୁ ଜନସମାଜର ଚାରିତ୍ରିକ ପରିବର୍ତ୍ତନ ସହ ସାମାଜିକ ପରିବର୍ତ୍ତନ କରିବାକୁ ପ୍ରବଚକ ବିଷ୍ଣୁ ମିଶ୍ର ଉପସ୍ଥିତ ଜନତାଙ୍କୁ ପରାମର୍ଶ ଦେଇଥିଲେ। କଂଗ୍ରେସ ସାହୁ, ସୁରେଶ ଭୋଇ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଡାଲିଜାତୀୟ ଫସଲ କର୍ମଶାଳା

ଝାରବନ୍ଧ, ୪।୨ (ଡି.ଏନ.ଏ)

ଝାରବନ୍ଧ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଡାଲିଜାତୀୟ ଫସଲର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଗ୍ରାମପଞ୍ଚାୟତର ୫୦ଜଣ ଚାଷୀ ଯୋଗଦେଇ ତାଲିମ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରରୁ ଅନ୍ତଃରାଷ୍ଟ୍ରୀୟ ଧାନ ଗବେଷଣା କେନ୍ଦ୍ରର ଗବେଷକ ଯୋଗଦେଇ ଉନ୍ନତ କିସମର ମୁଗ ଓ ବିରି ଚାଷ ଉପରେ ତାଲିମ ଦେଇଥିଲେ ।

## ମୃତ୍ୟୁ ପରେ ଶରୀର ଦାନ: ଇଚ୍ଛାପତ୍ରରେ ସ୍ୱାକ୍ଷର କଲେ କବି

ସମ୍ବଲପୁର, ୪।୨(ବ୍ୟୁରୋ)


କବି ଡ. ପ୍ରଦୀପ କୁମାର ପଣ୍ଡା ଓ ପଦ୍ମାସିନୀ ।

ମୃତ୍ୟୁ ପରେ ଶରୀର ଦାନ କରିବାକୁ ଇଚ୍ଛାପତ୍ରରେ ସ୍ୱାକ୍ଷର କରିଛନ୍ତି ଶିକ୍ଷାବିତ୍ ତଥା ଓଡ଼ିଶାର ବିଶିଷ୍ଟ କବି ଡ. ପ୍ରଦୀପ କୁମାର ପଣ୍ଡା ଓ ତାଙ୍କ ସ୍ତ୍ରୀ ପଦ୍ମାସିନୀ ପଣ୍ଡା। ବୁଧବାର ସେମାନେ ଏଥିରେ ସ୍ୱାକ୍ଷର କରିବା ପରେ ଉତ୍ସର୍ଗ କର୍ମକର୍ତ୍ତାଙ୍କୁ ପ୍ରଦାନ କରିଛନ୍ତି। ଡ. ବିଜୟ କୁମାର ପ୍ରଧାନ, ଆଇନ ପରାମର୍ଶଦାତା ଲକ୍ଷ୍ମଣ ପାଣିଗ୍ରାହୀ, ସଂଯୋଜକ ପ୍ରଶାନ୍ତ ପାଟଯୋଶୀ, ଲୋକନାଥ ପାଣ୍ଡେ ଓ ସ୍ନେହା ପଣ୍ଡା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଝାରସୁଗୁଡା ପଣ୍ଡିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରୁ ଇତିହାସ ପ୍ରାଧ୍ୟାପକ ଭାବେ ପ୍ରଦୀପ ଅବସର ଗ୍ରହଣ କରିଛନ୍ତି। ଏହାପରେ ସେ ରକ୍ତଦାନ, ଅଙ୍ଗ ଓ ଶରୀର ଦାନ ସମ୍ବନ୍ଧୀୟ ଲେଖା ପ୍ରସ୍ତୁତ କରି ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଆସୁଛନ୍ତି।

## ଲୋକଙ୍କୁ ସୁରକ୍ଷା ଦେବା ପୋଲିସର କାମ ନୁହେଁ, କର୍ତ୍ତବ୍ୟ

ଲଖନପୁର,୪।୨(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ବନହରପାଲି ଥାନା ଅଧୀନ କୁମ୍ଭାରବନ୍ଧ ଫାଣ୍ଡି ଓ ଥାନାରେ କାର୍ଯ୍ୟରତ ପୋଲିସ ଅଧିକାରୀ ଓ କର୍ମଚାରୀ କରୋନା ଯୋଦ୍ଧାଙ୍କୁ ସମଲେଶ୍ୱରୀ ମା’ ଘର ଚାରିଟେବୁଲ୍ ଟ୍ରଷ୍ଟ ତରଫରୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। ଟ୍ରଷ୍ଟ ଅଧ୍ୟକ୍ଷା ପଦ୍ମିନୀ ସିଂ, ବିଜୟଲକ୍ଷ୍ମୀ ଷଡଙ୍ଗୀ, ପ୍ରମିଳା ମଲ୍ଲିକ, ରେଣୁ ଠକୁର, ଶୈଳବାଳା ସାହୁ ପ୍ରମୁଖ ସେମାନଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଟ୍ରଷ୍ଟ ଅଧ୍ୟକ୍ଷା ସିଂ କହିଥିଲେ, ମହାମାରୀ ସମୟରେ ପୋଲିସ ଘରଦ୍ୱାର ଓ ପରିବାର ଛାଡି ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କୁ ସୁରକ୍ଷା ଦେବାରେ ସହାୟକ ହୋଇଛି । ସେମାନଙ୍କୁ ଉତ୍ସାହିତ କରିବା ଆମମାନଙ୍କର କାମ। ବନହରପାଲି ଥାନା ଆଇଆଇସି ପ୍ରଶାନ୍ତ ମେହେର କହିଥିଲେ, ବିପତ୍ତି ସମୟରେ ଲୋକଙ୍କ ନିକଟରେ ଛିଡାହୋଇ ସୁରକ୍ଷା ଦେବା ପୋଲିସର କାମ ନୁହେଁ, କର୍ତ୍ତବ୍ୟ। ଏଥିପାଇଁ ସେ ଲୋକଙ୍କ ସହଯୋଗ କାମନା କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବନ୍ଧବାହାଲ ଫାଣ୍ଡି ଅଧିକାରୀ ଅଶୋକ ଦାସ, କୁମ୍ଭାରବନ୍ଧ ଫାଣ୍ଡି ଅଧିକାରୀ ଲକ୍ଷ୍ମୀଧର ପାତ୍ର, ସନ୍ତୋଷ ବେହେରା, ଉମ୍ବରୁଧର ବିଶ୍ୱାଳ ପ୍ରମୁଖ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ବନ୍ଧବାହାଲ କ୍ରିକେଟ୍: ଝାରସୁଗୁଡ଼ା ବିଜୟୀ


ଉଭୟ ଟିମ୍‌ର ଖେଳାଳିଙ୍କ ସହ ଅତିଥିବୃନ୍ଦ ।

ଲଖନପୁର,୪।୨(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ବନ୍ଧବାହାଲ ଖେଳପଡିଆରେ ଗୁରୁବାର ବିଓସିଏମ୍ ବଏଜ୍ କ୍ରିକେଟ୍ କ୍ଲବ୍ ତରଫରୁ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଓପିଜିସି ଓ ଝାରସୁଗୁଡା ସାଇନିଂ ଷ୍ଟାର୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯାଇଥିଲା । ଓପିଜିସି ଟିମ୍‌କୁ ହରାଇ ଝାରସୁଗୁଡା ବିଜୟୀ ହୋଇଥିଲା। ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଲଖନପୁର ୩ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ସାମଲ ନାୟକ, ବନ୍ଧବାହାଲ ସରପଞ୍ଚ ରାଜେନ୍ଦ୍ର ନାୟକ, ଭାଜପା ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ବିଶ୍ୱଜିତ ଷଡଙ୍ଗୀ, ଭାଜପା ମହିଳା ମୋର୍ଚ୍ଚା ସଭାପତି ମଞ୍ଜୁବାଳା ଗୁରୁ, ଆଇନଜୀବୀ ସମୀର ମିଶ୍ର, ବିଜୟାଲକ୍ଷ୍ମୀ ଠାକୁର ଓ ରୀନା ପଟେଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଶାନ୍ତ ଜେନା ଓ ଅଶୋକ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ଋଷିକେଶ କଶ୍ୟପ, ସୁମିତ ଦାସ, ସୁଜିତ ବେହେରା ସହଯୋଗ କରିଥିଲେ।

## ନାକଟିଦେଉଳ ବ୍ଲକରେ କରୋନା ଟିକାକରଣ


ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଟିକା ଦିଆଯାଉଛି।

ନାକଟିଦେଉଳ,୪।୨(ଡ଼ି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକରେ ଗୁରୁବାର କରୋନା ଟିକାକରଣ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗିରିଶ୍ଚନ୍ଦ୍ରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଟିକା ପ୍ରଦାନ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ବିଡ଼ିଓ ବିବେକାନନ୍ଦ ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ଅମୂଲ୍ୟରତ୍ନ ମହନ୍ତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଠାରେ ମୋଟ ୬୮ଜଣ ସ୍ୱାସ୍ଥ୍ୟ କର୍ମଚାରୀ, ଅଙ୍ଗନୱାଡ଼ି ଓ ଆଶା କର୍ମୀଙ୍କୁ କରୋନା ଟିକା ଦିଆଯାଇଥିଲା। ସେହିପରି ଗିରିଶ୍ଚନ୍ଦ୍ରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସମୁଦାୟ ୩୪ଜଣ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ କରୋନା ଟିକା ଦିଆଯାଇଛି। ବଳକା ରହିଥିବା ସ୍ୱାସ୍ଥ୍ୟ କର୍ମଚାରୀ ଓ ତାଲିକାରେ ନାମଥିବା ସମ୍ମୁଖ କରୋନା ଯୋଦ୍ଧାଙ୍କୁ ଆସନ୍ତା ୬ ଏବଂ ୮ତାରିଖରେ ଟିକା ଦିଆଯିବାର କାର୍ଯ୍ୟକ୍ରମ ରହିଛି। ଟିକା ନେବା ପରେ ସମସ୍ତେ ଖୁସି ଅନୁଭବ କରିଥିବା ପ୍ରକାଶ କରିଥିଲେ।

## କ୍ରିକେଟ: ବେଲପାହାଡ଼ ଗାନ୍ଧୀନଗର ଚାମ୍ପିୟନ

ଲଖନପୁର,୪।୨(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ବେଲପାହାଡ ପୌରାଞ୍ଚଳ ଜୁରାବଗା ଖେଳପଡିଆରେ ସ୍ଥାନୀୟ ବୀର ବଜରଙ୍ଗ କ୍ଲବ୍ ତରଫରୁ ଆୟୋଜିତ ମୁନା ଗଙ୍ଗାଧର ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜକ ବଜରଙ୍ଗ କ୍ଲବ୍ ଓ ବେଲପାହାଡ ଗାନ୍ଧୀନଗର ଟିମ୍ ମଧ୍ୟରେ ଫାଇନାଲ୍ ମ୍ୟାଚ ଖେଳାଯାଇଥିଲା । ଏଥିରେ ଜୁରାବଗାକୁ ହରାଇ ଗାନ୍ଧୀନଗର ଦଳ ଚାମ୍ପିୟନ ହୋଇଥିଲା। ସଞ୍ଜୟ ମହାନ୍ତି ଓ ରମେଶ ଚନ୍ଦ୍ର ସାହୁ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସାମାଜିକ କର୍ମୀ ପଦ୍ମିନୀ ସିଂ ମୁଖ୍ୟଅତିଥି ଓ ସାମାଜିକ କର୍ମୀ ଆଲୋକ ତ୍ରିପାଠୀ, ମନୋଜ ଅଗ୍ରୱାଲ, ମଧୁସୂଦନ ପ୍ରଧାନ, ଶଶିଭୂଷଣ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।



ଉଭୟ ଦଳର ଖେଳାଳିଙ୍କ ସହ ଅତିଥିମାନେ ।

ବିଜେତା ବେଲପାହାଡ ଗାନ୍ଧୀନଗର ଟିମ୍‌କୁ ଚାମ୍ପିୟନ ଟ୍ରଫି ସହ ୧୫ ହଜାର ଟଙ୍କା ଓ ଉପବିଜେତା ଜୁରାବଗା ଟିମ୍‌କୁ ରନର୍ସ ଟ୍ରଫି ସହ ୧୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା । ବେଲପାହାଡ ଟିମ୍‌ର ସୁନୀଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ଆଜାଦ୍ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଆୟୋଜକ କ୍ଲବ୍‌ର ବୁଲୁ ସାହୁ, ରଜତ ଦୁବେ, ପିଣ୍ଟୁ ସାହୁ, ରଜତ ଛଞ୍ଚାଣ, କୁବେର ସାହୁ, ଅନନ୍ତ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।



## ପୋଲତଳକୁ ଖସିଲା ଧାନ ବୋଝେଇ ଟ୍ରକ

**ବରଗଡ଼ ଅଫିସ୍:** ବରଗଡ଼ ସହର ଉପକଣ୍ଠ ପାଣିଛତର ନିକଟରେ ରହିଥିବା ରେଲୱେ ଓଭରବ୍ରିଜ ତଳକୁ ଗୁରୁବାର ଏକ ଧାନ ବୋଝେଇ ଟ୍ରକ୍ (ନଂ.ଓଆର୧୫ଏଚ୍/୪୪୭୧) ଖସି ପଡ଼ିଥିଲା। ଟ୍ରକ୍‌ଟି କ୍ଷତିଗ୍ରସ୍ତ ହୋଇଥିବାବେଳେ ସେଥିରେ ରହିଥିବା ଧାନ ପ୍ୟାକେଟ୍ ଗୁଡ଼ିକ ପୋଲ ତଳେ ବିଛାଇ ହୋଇ ପଡ଼ିଥିଲା। ଏହି ଦୁର୍ଘଟଣାରେ ଏକ ବାଇକ୍ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ତେବେ ଏଥିରେ କେହି ମୃତାହତ ହୋଇ ନାହାନ୍ତି। ସ୍ଥାନୀୟ ପୋଲିସ ଏବଂ ଯୋଗାଣ ବିଭାଗ ଅଧିକାରୀମାନେ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ କରିଛନ୍ତି ।

## ଆଜିର କାର୍ଯ୍ୟକ୍ରମ

ବରଗଡ଼

■ ଭାଗବତ କଥା ପ୍ରବଚନର ଦ୍ୱିତୀୟ ଦିବସ, କନ୍ଦାଡଙ୍ଗର (ଝାରବନ୍ଧ), ଅପରାହ୍ନ ୨ଟା

## ସଂକ୍ଷେପରେ

### ୨ ବାଲି ବୋଝେଇ ଟ୍ରାକ୍ଟର ଜବତ

**ଅତାବିରା,୪।୨(ଡି.ଏନ.ଏ):** ବରଗଡ଼ ଜିଲା ଗୋଡ଼ଭଗା-ତୁରୁମ ରାସ୍ତା ଦେଇ ନିୟମିତ ବହୁସଂଖ୍ୟାରେ ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ୍ ଯାତାୟାତ କରୁଛି। ସେଥିମଧ୍ୟରୁ ଅନେକ ଗାଡ଼ିରେ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଗୁରୁବାର ଏଭଳି ଭାବେ ଝାଇଁଜୋରର ଲରମ୍ବା, ପୋଡ଼ବାଡ଼ି ଘାଟରୁ ୨ଟି ଟ୍ରାକ୍ଟର ଯୋଗେ ବାଲି ଚୋରାଚାଲାଣ ହେଉଥିଲା। ଖବର ପାଇ ଅତିରିକ୍ତ ତହସିଲଦାର ସୌମ୍ୟରଞ୍ଜନ ମିଶ୍ର ଅତର୍କିତ ଚଢ଼ାଉ କରି ଲରମ୍ବା-ନୂଆପଡ଼ା ମଝିରେ ଟ୍ରାକ୍ଟର ଦୁଇଟିକୁ ଜବତ କରିଥିଲେ। ଉକ୍ତ ଟ୍ରାକ୍ଟର ମାଲିକଙ୍କଠାରୁ ୨୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଅତିରିକ୍ତ ତହସିଲଦାର ମିଶ୍ର କହିଛନ୍ତି। ଏହି ଘଟଣାରେ ଏତଲା ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

### କୂଅରେ ପଡ଼ି ୪ବର୍ଷର ପୁଅ ମୃତ

**ଖଡିଆଲ, ୪।୨ (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଲ ବ୍ଲକ ଲାଞ୍ଜି ପଞ୍ଚାୟତ ମତରିତରାଇ ଗ୍ରାମରେ କୂଅରେ ପଡି ୪ବର୍ଷର ପୁଅର ମୃତ୍ୟୁ ଘଟିଛି। ତାଙ୍କ ପରମେଶ୍ୱର ମାଝି (୪)। ମତରିତରାଇ ଗ୍ରାମର ମିର୍ଦ୍ଧା ମାଝି ଓ ସ୍ତ୍ରୀ ମାଧୁରୀଙ୍କ ୪ ବର୍ଷର ପୁଅ ପରମେଶ୍ୱର ଓ ଝିଅ ରୀନାଙ୍କୁ ବୃଦ୍ଧା ଆଇ ମା'ପାଖରେ ଛାଡି ଗତ ଦଶହରାରେ ଆନ୍ଧ୍ରପ୍ରଦେଶକୁ ଦାଦନ ଖଟିବାକୁ ଯାଇଥିଲେ। ପୁଅ ଓ ଝିଅ ଆଇମା' ପାଖରେ ରହୁଥିଲେ। ଗତ ମଙ୍ଗଳବାର ପରମେଶ୍ୱର ନିଖୋଜ ହୋଇଯାଇଥିଲେ। ଗ୍ରାମବାସୀ ଖୋଜାଖୋଜି ପରେ ମଧ ପାଇ ନ ଥିଲେ। ଗୁରୁବାର ସକାଳୁ ଘରଠାରୁ ଶହେ ମିଟର ଦୂରରେ ଥିବା କୂଅରେ ପଡିଥିବା ଗ୍ରାମବାସୀ ଦେଖି ଖଡିଆଲ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖଡିଆଲ ପୋଲିସ ଏବଂ ଦମକଳ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିଥିଲେ। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଏସଆଇ ଦେବେନ୍ଦ୍ର ବିନ୍ଧାଣୀ ସୂଚନା ଦେଇଛନ୍ତି ।

### ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ପାଇଁ ବୈଠକ

**ଭବାନୀପାଟଣା, ୪।୨ (ଡି.ଏନ.ଏ.):** ଗୁରୁବାର ସ୍ଥାନୀୟ ଆର୍‌ସିସିଏଫ୍ କନ୍‌ଫରେନ୍ସ ହଲଠାରେ ଜଙ୍ଗଲକୁ ନିଆଁ ଦାଉରୁ ବଞ୍ଚାଇବା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସବୁ ବିଭାଗ ମିଳିତ ଭାବେ କିପରି ଜଙ୍ଗଲକୁ ନିଆଁ ଦଦାଉରୁ ବଞ୍ଚାଯାଇପାରିବ ଓ ବିଭିନ୍ନ ଫାୟାର ୱାଚର, ବନ ସୁରକ୍ଷା ସମିତି ଓ ସ୍ଥାନୀୟ ଗ୍ରାମ୍ୟ ଲୋକଙ୍କ ସହିତ ସମ୍ମାନ ରକ୍ଷା କରି ଜଙ୍ଗଲକୁ ନିଆଁ ଦାଉରୁ ବଞ୍ଚାଇବା ପାଇଁ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ଦକ୍ଷିଣ ବନଖଣ୍ଡ ଡିଏଫ୍‌ଓ ଟି. ଅଶୋକ କୁମାର, ଏସିଏଫ୍ ଶିବପ୍ରସାଦ ରଥ, ଏସିଏଫ୍ ଅନିଲ କୁମାର ରାୟ, ଏସିଏଫ୍ କେନ୍ଦୁଲିପ ନିଳେନ୍ଦ୍ର ନାରାୟଣ ଦଳପତୀ। ଫାୟାର ଅଫିସର ସୁବାଶ ଚନ୍ଦ୍ର ପଡିହାରୀ, ଡିଭିଜନ୍‌ର ସମସ୍ତ ରେଞ୍ଜର, ଫରେଷ୍ଟର, ଫରେଷ୍ଟଗାଡ ଓ ଫାୟାର ୱାଚର ତଥା ବନସୁରକ୍ଷା ସମିତି କର୍ମକର୍ତ୍ତା ଯୋଗଦେଇଥିଲେ।

### ଶିଶୁ ବିଦ୍ୟାମନ୍ଦିରର ନୂତନ ଭବନ ପ୍ରତିଷ୍ଠା

**କୋକସରା, ୪।୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଲଦୁଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନୂତନ କୋଠା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଶିଶୁ ବିଦ୍ୟା ମନ୍ଦିର ସଭାପତି ଗରୁଡ଼ଧ୍ୱଜ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ କେସିଙ୍ଗା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧକ୍ଷ ପ୍ରଦୀପ ରଥ, ସମ୍ମାନିତ ଅତିଥି ପ୍ରଜାପିତା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ନବରଙ୍ଗପୁର ଶାଖା ନିଲମ ଭଉଣୀ, ଶିକ୍ଷା ବିକାଶ ସମିତି କଳାହାଣ୍ଡି ଶାଖା ଗରୀବ ସୁନାନୀ, ବିଦ୍ୟା ମନ୍ଦିର ସମ୍ପାଦକ ରାଜେନ୍ଦ୍ର ନାରାୟଣ ଦାସ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ଅଞ୍ଚଳର ବହୁ ଶିକ୍ଷାବିତ, ବୁଦ୍ଧିଜୀବୀ, ଅଭିଭାବକ ଓ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା କମିଟି, ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ପର୍ଶୁରାମ ଦୁର୍ଗା ମଞ୍ଚ ପରିଚାଳନା କରିଥିବା ବେଳେ ଅନ୍ୟ ଗୁରୁଜୀ, ଗୁରୁମାଆ ସହଯୋଗ କରିଥିଲେ। ଶ୍ରୀମନ୍ତ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିରୋ ହେଡ଼ରେ ଚାଷୀଙ୍କ ଆନ୍ଦୋଳନ

**ତରବୋଡ/ନୂଆପଡା ଅଫିସ, ୪।୨ (ଡି.ଏନ.ଏ.)**

■ ୨ ଚାଷୀ ନେତାଙ୍କୁ ଉଠାଇ ନେଲା ପୋଲିସ
■ ୬ ପୋଲିସ କର୍ମଚାରୀଙ୍କୁ ତାଲା ପକାଇଲେ
■ ଘଟଣାସ୍ଥଳରେ ୧୪୪ ଧାରା ଜାରି

ନୂଆପଡା ଜିଲା ସଦର ବ୍ଲକ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ପତୋରା ଡ୍ୟାମରେ ମାସେରୁ ଉର୍ଦ୍ଧ୍ୱ ହେବ ରବି ଚାଷ ପାଇଁ ପାଣି ବଣ୍ଟନକୁ ନେଇ ବିବାଦ ଦେଖାଦେଇଛି। ବୁଧବାର ଜିଲା ପ୍ରଶସାସନ ପକ୍ଷରୁ ଭୂଇସମୁଣ୍ଡି ଗାଁଠାରୁ ପତୋରା ପର୍ଯ୍ୟନ୍ତ ୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରି ୧୦ଟି ହେଡ ରେଗୁଲେଟୋରକୁ ଓଲ୍ଡିଂ କରି ସିଲ କରିଥିଲା। ପାଣିପଞ୍ଚାୟତ ୧ ରୁ ୫ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇ ଅପରଜୋଙ୍କ ଜଳସେଚନ ପ୍ରକଳ୍ପ ମୁଖ୍ୟଗେଟ ଖୋଲି ମୁଖ୍ୟ କେନାଲରେ ପାଣି ଛଡାଯାଇଥିଲା। ତଳମୁଣ୍ଡ ଚାଷୀ ପାଖକୁ ପାଣି ନ ପହଞ୍ଚିବାରୁ ୩ଟି ସ୍ଥାନରେ ରାସ୍ତା ଅବରୋଧ କରିଥିଲେ। ଜିଲାପାଳ ସ୍ୱାଧାଦେବ ସିଂଙ୍କ ନିର୍ଦ୍ଦେଶକ୍ରମେ ଏସପି ରାହୁଲ ଜୈନଙ୍କ ତତ୍ତ୍ୱବଧାନରେ ବୁଧବାର ପ୍ରଶାସନ ଓ ଜଳସେଚନ ବିଭାଗ ପକ୍ଷରୁ ପାଣି ଛଡାଯିବାରୁ ତଳମୁଣ୍ଡ ରାସ୍ତା ଅବରୋଧ ହଟିଥିଲା। ଏହାର ପ୍ରତିବାଦରେ ଜିରୋହେଡରେ ଚାଷୀ ଆନ୍ଦୋଳନ କରିବେ ବୋଲି ବିଶେଷ ସୂତ୍ରର ପୋଲିସ ଖବର ପାଇ ବୁଧବାର ବିଳମ୍ବିତ ରାତିରେ ସାରାବଙ୍ଗ ଗାଁର ୨ଜଣ ଚାଷୀ ନେତାଙ୍କୁ ସଦର ପୋଲିସ ଉଠାଇ ନେଇଥିଲା। ଗୁରୁବାର ସକାଳେ ସଦର ଥାନା ସବ୍‌ଇନ୍ସପେକ୍ଟର ବିନୟ କେର୍କେଟାଙ୍କ ନେତୃତ୍ୱରେ ଏକ ଟିମ ସାରାବଙ୍ଗ ଗାଁରେ ପାଟ୍ରୋଲିଂ କରୁଥିବା ବେଳେ ଚାଷୀମାନେ ସେମାନଙ୍କୁ ଘେରିଯାଇଥିଲେ। ସେଠାରେ ପୋଲିସ ଓ ଚାଷୀ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଚାଷୀ ନେତାଙ୍କୁ ଛାଡିବା ଦାବିରେ ଜଣେ ପୋଲିସ ଅଧିକାରୀ, ୪ ଆଇଆରବି ଯବାନ ଓ ଡ୍ରାଇଭରଙ୍କୁ ସାରାବଙ୍ଗ ଗାଁର ଜଗନ୍ନାଥ ମନ୍ଦିର ଭିତରେ ରଖି ତାଲା ପକାଇ ଧାରଣାରେ ବସିଥିଲେ। ମଧ୍ୟାହ୍ନ ୧୨ଟାରେ ଦୁଇ ଚାଷୀ ନେତାଙ୍କୁ ପୋଲିସ ପ୍ରଶାସନ ଧାରଣା ସ୍ଥଳକୁ ଆଣିବାରୁ ଅଟକ ସମସ୍ତଙ୍କୁ ଲୋକମାନେ ଛାଡିଥିଲେ। ଧାରଣାସ୍ଥଳକୁ କୌଣସି ଅଧିକାରୀ ଆସି ନ ଥିବାରୁ ଉତ୍ତ୍ୟକ୍ତ ଚାଷୀ ପତୋରା ଡ୍ୟାମର ମୁଖ୍ୟ କେନାଲକୁ ବନ୍ଦ କରି କେନାଲ ପାଖରେ ଧାରଣାରେ ବସିଛନ୍ତି। ପ୍ରଶାସନ ପକ୍ଷରୁ ସେଠାରେ ୧୪୪ ଧାରା ଜାରି କରି ୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲେ ମଧ୍ୟ ଚାଷୀ ମୁଖ୍ୟ କେନାଲ ବନ୍ଦ କରି ଧାରଣାରେ ବସିଛନ୍ତି। ଏଏସପି ସୁନିଲ ଆଚାର୍ଯ୍ୟ, ଏସଡିପିଓ ପ୍ରଶାନ୍ତ ପଟ୍ଟନାୟକ, ଧରମବନ୍ଧା ଆଇଆଇସି ଦିଲୀପ ଲେକ୍ରା, ଜୋଙ୍କ ଆଇଆଇସି ଅନିରୁଦ୍ଧ ମୁଦୁଲି, କୋମନା ଆଇଆଇସି ନିର୍ମଳ ପାଣିଗ୍ରାହୀ, ସଦର ଟାଉନ ଥାନା ଆଇଆଇସି ସଂଜୁକ୍ତା ବାର୍ଲା ପ୍ରମୁଖ ସମେତ ୨୫ରୁ ଉର୍ଦ୍ଧ୍ୱ ପୋଲିସ ଅଧିକାରୀ ଉପସ୍ଥିତ ଅଛନ୍ତି। ଖବର ଲେଖାଯିବ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଛି।




ସାରାବଙ୍ଗ ଗାଁରେ ଉତ୍ତେଜନା ଦେଖାଦେଇଛି।

# ଡ୍ରେନ୍ ସମସ୍ୟା ନେଇ ଇଓଙ୍କୁ ଫେରାଦ

**ଜୁନାଗଡ, ୪।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ଫତେନଗରପଡା ୫ ନଂ. ଗଳିରେ ଥିବା ଡ୍ରେନ ସଫା କରାଯାଉ ନ ଥିବାରୁ ଏବେ ମଇଳା ପାଣି ଭର୍ତ୍ତି ହୋଇ ଓଭର ଫ୍ଲୋ ହେବାକୁ ବସିଲାଣି। ଡ୍ରେନରେ ପାଣି ଭର୍ତ୍ତି ହୋଇଯାଇଥିବାରୁ ସ୍ଥାନୀୟ ଲୋକେ ଘରର ଆସବାବ ମଇଳା ପାଣି ଛାଡି ନ ପାରି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏହାକୁ ନେଇ ପଡାବାସୀ ଗୁରୁବାର ଜୁନାଗଡ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ (ଇଓ)ଙ୍କ ଠାରେ ଫେରାଦ ହୋଇଛନ୍ତି। ସେମାନେ ଏ ସମ୍ପର୍କରେ ଇଓଙ୍କୁ ଏକ ଲିଖିତ ଅଭିଯୋଗ ମଧ କରିଛନ୍ତି। ଏନ୍‌ଏସି ପକ୍ଷରୁ ଫତେନଗରପଡାର ୫ ନଂ. ଉପରେ ଥିବା ପ୍ରାୟ ଗଳିର ଡ୍ରେନଗୁଡିକୁ ସଫା କରାଯାଉଥିବାବେଳେ ଏହି ଗଳିର ଡ୍ରେନ ସଫା କରାଯାଉ ନ ଥିବା ପଡାବାସୀ ଅଭିଯୋଗ କରିଛନ୍ତି। ସହରର ବିଭିନ୍ନ ପଡାର ମଇଳା ପାଣି ଏହି ପଡାକୁ ଆସିଥାଏ। ପଡାର ଜୈନିକ ବ୍ୟକ୍ତି ଡ୍ରେନକୁ ଅବରୋଧ କରିଥିବାରୁ ଏପରି ସମସ୍ୟା ଦେଖାଦେଇଥିବା ସେମାନେ ଅଭିଯୋଗ କରିଛନ୍ତି। ଫଳର ଡ୍ରେନରେ ପାଣି ଯାଇ ନ ପାରି ବର୍ତ୍ତମାନ ଓଭରଫ୍ଲୋ ହେବାକୁ ବସିଥିବାରୁ ଏଥିରେ ବିଭିନ୍ନ ପ୍ରକାର ମଶା, ମାଛିଙ୍କ ପାର୍ଦୁଭାବ ବଢିବାରେ ଲାଗିଛି। ଏହାଦ୍ୱାରା ସ୍ଥାନୀୟ ଲୋକେ ବିଭିନ୍ନ ଜଳବାହିତ ରୋଗର ସଂକ୍ରମଣ ହେବାର ଆଶାଙ୍କା ରହିଛି। ଏହାର ଶୀଘ୍ର ସମାଧାନ କରିବା ପାଇଁ ସେମାନେ ଦାବି କରିଛନ୍ତି। ଏହାର ଏକ ନକଲ ଜୁନାଗଡ ବିଧାୟକ ତଥା ମନ୍ତ୍ରୀ ଓ ଧର୍ମଗଡ ଉପଜିଲାପାଳଙ୍କୁପ୍ରେରଣ କରିଛନ୍ତି।

# ତୈଳ ଦରବୃଦ୍ଧି, କଳା କୃଷି ଆଇନର ପ୍ରତିବାଦ



ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଭବାନୀପାଟଣା, ୪।୨ (ଡି.ଏନ.ଏ.)**

କଳାହାଣ୍ଡି ଯୁବ କଂଗ୍ରେସ ପକ୍ଷରୁ ଗୁରୁବାର ଦେଶରେ ପେଟ୍ରୋଲ, ଡିଜେଲ ଦରବୃଦ୍ଧି ଓ କଳା କୃଷି ଆଇନ ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ସ୍ଥାନୀୟ ମାଉସୀ ମା'ମନ୍ଦିର ନିକଟରୁ ଏକ ବିକ୍ଷୋଭ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଯୁବ କଂଗ୍ରେସ ପକ୍ଷରୁ ଶଗଡ ଗାଡି ସହ ଶୋଭାଯାତ୍ରାରେ ବାହାରି ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଗାନ୍ଧିଚୌକଠାରେ ଯୁବ କଂଗ୍ରେସ ପକ୍ଷରୁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିବା ସହ କଳା କୃଷି ବିଲ ଓ ତୈଳ ଦର ହ୍ରାସ ନ ହେଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭରେ କଂଗ୍ରେସ ନେତା ବ୍ରଜ ସାହୁ, ନିମାଞ୍ଚଳ ନାଏକ, ଯୁବନେତା ସୁରେଶ ରାଓ, ସୁରେଶ ପଟ୍ଟନାୟକ, ପ୍ରକାଶ ହରପାଳ, ସରୋଜ ନାଏକ, ସାଗର ପଟ୍ଟନାୟକ, ମହମ୍ମଦ ସାହେବ, ମୁକେଶ ବର୍ମା, ରୋହିତ ଜୈନ, ମହମ୍ମଦ ଅଲ୍ଲି ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଧରାପଡ଼ିବା ଭୟରେ କମ୍ପ୍ୟୁଟର ପୋଡ଼ିଦେଲେ ଦୁର୍ବୃତ୍ତ

**ଜୁନାଗଡ, ୪।୨ (ଡି.ଏନ.ଏ.)**

**ଆଟିଗାଁ ସପ୍ତପଲ୍ଲୀ ବିଦ୍ୟାପୀଠରୁ ଚୋରି ଘଟଣା**

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ଆଟିଗାଁ ସପ୍ତପଲ୍ଲୀ ବିଦ୍ୟାପୀଠରୁ ଗତ ଶନିବାର ବିଳମ୍ବିତ ରାତିରେ ଚୋରି ଘଟଣାକୁ ଗୁରୁତ୍ୱ ଦେଇ ଜୁନାଗଡ ପୋଲିସ ସାଇଣ୍ଟିଫକ ଟିମ୍ ସହ ନୂଆପଡା ପୋଲିସ ସହ ଯୋଗାଯୋଗ କରି (ଡଗ୍‌ସ୍କାର୍ଡ) ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତକୁ ଜୋରସୋର କରିଥିଲା। ବୁଧବାର ରାତିରେ ଜୁନାଗଡ ପୋଲିସ ଚୋରି ସାମଗ୍ରୀ ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ଆଟିଗାଁରେ ପହଞ୍ଚି ତଦନ୍ତ କରିଥିଲା। ଗ୍ରାମର ଏକ ପରିତ୍ୟକ୍ତ ପ୍ରଧାନମନ୍ତ୍ରୀ ଆବାସ ଘରୁ ଚୋରି କମ୍ପ୍ୟୁଟରଗୁଡିକୁ କେହି ଦୁର୍ବୃତ୍ତ ପୋଡିଦେଇଥିବା ଦେଖିବାକୁ ପାଇଥିଲେ। ଏହାସହ ନିକଟସ୍ଥ କେନାଲ ଭିତରେ ଚୋରି ଜେନେରେଟର ଦୁର୍ବୃତ୍ତମାନେ ପାଳ ଘୋଡେଇ ଲୁଚାଇ ରଖିଥିଲେ। ପୋଲିସ ଉକ୍ତ ଜେନେରେଟର ସେଠାରୁ ଜବତ କରିଛି। ୨ ଦିନ ଧରି ପୋଲିସ ଜୋରସୋର ତନାଘନା ଯୋଗୁ ଦୁର୍ବୃତ୍ତମାନେ ଧରାପଡିଯିବା ଭୟରେ ଏପରି କରିଥିବା ସନ୍ଦେହ କରାଯାଉଛି। ଜୁନାଗଡ ଭାରପ୍ରାପ୍ତ ଥାନାଧିକାରୀ ଉତ୍ତମ କୁମାର ସାହୁଙ୍କୁ ପଚାରିବାରୁ ଶୀଘ୍ର ଏହି ଘଟଣାରେ ସାମିଲ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚେଷ୍ଟା ଚାଲିଛି ବୋଲି କହିଥିଲେ।



ଦୁର୍ବୃତ୍ତମାନେ କମ୍ପ୍ୟୁଟରକୁ ପୋଡିଦେଇଛନ୍ତି।

### ରଶ୍ମିତା, ପ୍ରଭାତ ସମ୍ମାନିତ

**ଅତାବିରା, ୪।୨ (ଡି.ଏନ.ଏ)**

ବରଗଡ ଜିଲା ଭେଡେନ ବ୍ଲକ ଟିହିକିପାଲିର ଦୁଇ ଭଉଣୀ ଭାଇ ରଶ୍ମିତା ବାରିକ ଓ ପ୍ରଭାତ ବାରିକ ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍)ରେ ଯୋଗ ଦେବା ପାଇଁ ମନୋନୀତ ହେବା ପରେ ତାଙ୍କୁ ବିଭିନ୍ନ ଅନୁଷ୍ଠାନରୁ ସମ୍ବର୍ଦ୍ଧନା ଦିଆଯାଉଛି। ଗୁରୁବାର ଭେଡେନ ବ୍ଲକ ବାରିକ ସଂଘ ସଭାପତି ସୁଶୀଲ ପଶାୟତ, ସମ୍ପାଦକ ସନ୍ତୋଷ ବାରିକ, ସୁବାଷ ପଶାୟତ, ଦେବେନ୍ଦ୍ର ପଶାୟତ, ଛାୟାକାନ୍ତ ବାରିକ, ଆଦାତ ପଶାୟତ ପ୍ରମୁଖ ଉକ୍ତ ଭଉଣୀ ଭାଇଙ୍କୁ ସମ୍ମାନୀତ କରିଥିଲେ।

### ରାସ୍ତାକାମ ନେଇ ଦାବିପତ୍ର ଦେଲେ ଗ୍ରାମବାସୀ

**ପଦ୍ମପୁର, ୪।୨ (ଡି.ଏନ.ଏ)**

ପଦ୍ମପୁର ଉପଖଣ୍ଡ ଅଞ୍ଚଳରେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ହେଉଛି। ତେବେ କେତେକ ସ୍ଥାନରେ ରାସ୍ତାକାମ ନିମ୍ନମାନର ହେଉଥିବା ଖଇରପାଲି ଜୟ ହିନ୍ଦ୍ କୃଷକ ସଙ୍ଗଠନ ସମେତ ଗୁଠୁର୍ଲା ଓ ବୁଡାମାଲ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗୁଠୁର୍ଲାରୁ ଖଇରପାଲି ରାସ୍ତା ମରାମତି କରାଯାଇଛି। ମାତ୍ର ରାସ୍ତା ପାର୍ଶ୍ୱସ୍ଥ ମାଟି ଯାନବାହନ ଚଳାଚଳ ବେଳେ ଚାଷ ଜମିକୁ ଗଡି ଯାଉଛି। ଫଳରେ ରାସ୍ତା ନଷ୍ଟ ହେଉଛି। ମାଟି ନ ଖସିବା ପାଇଁ ବ୍ୟବସ୍ଥା କରିବାକୁ ନାରାୟଣ ଅମରି, ଚୈତନ୍ୟ ବିଶ୍ୱାଳ, ଯୁଗେଶ୍ୱର ମେହେର ଓ ଅନ୍ୟମାନେ ଦାବି କରିଛନ୍ତି । ଏ ନେଇ ସେମାନେ ପୂର୍ତ୍ତ ବିଭାଗୀୟ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

# ସଫେଇ ପାଇଁ ଏସ୍‌ଏଚ୍‌ଜିକୁ ୬ ବ୍ୟାଟେରି ଚାଳିତ ଗାଡ଼ି

**ଭବାନୀପାଟଣା, ୪।୨ (ଡି.ଏନ.ଏ.)**

ଭବାନୀପାଟଣା ପୌର ପରିଷଦ ପକ୍ଷରୁ ପ୍ରଥମ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ୨୦ଟି ୱାର୍ଡର ପରିମଳ ସଫେଇ ପରିଚାଳନା ପାଇଁ ମହିଳା ଡ୍ରାଇଭରମାନଙ୍କ ଦ୍ୱାରା ୬ଟି ବ୍ୟାଟେରି ଚାଳିତ ଗାଡିକୁ ଭବାନୀପାଟଣା ବିଧାୟକ ତଥା ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ବୁଧବାର ପତକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ଗାଡିଗୁଡିକୁ ପ୍ରଥମ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପରିଚାଳନା କରାଯିବା ସହିତ ଏହି ଗାଡିକୁ ମହିଳାମାନେ ଚଳାଇବେ । ସେମାନଙ୍କୁ ସହଯୋଗ କରିବା ପାଇଁ ମହିଳା ସ୍ୱଚ୍ଛ କର୍ମୀମାନଙ୍କୁ ମଧ ନିୟୋଜିତ କରାଯାଇଛି ।ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭବାନୀପାଟଣା ପୌର ପରିଷଦ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ପୂର୍ବତନ ନଗରପାଳ ଆଦିତ୍ୟ ପ୍ରସାଦ ନନ୍ଦ ଓ ପୂର୍ବତନ ଉପନଗରପାଳ ଚିତ୍ତରଞ୍ଜନ ମଣ୍ଡଳ, ସହକାରୀ ଯନ୍ତ୍ରୀ ସମୀର ଠାକୁର, ସେନିଟାଇଜେସନ୍ ବିଶେଷଜ୍ଞ ତପନ କୁମାର ନାୟକଙ୍କ ସମେତ ପୌର ପରିଷଦ କର୍ମଚାରୀ, ମହିଳା ଏସ୍‌ଏଜି କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏହି ମହିଳାମାନଙ୍କୁ ପୌର ପରିଷଦ ତରଫରୁ ଗାଡି ଚାଳନା ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଆହୁରି ଅଧିକ ଏପରି ଗାଡି ଆସିବ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ମିଶ୍ର କହିଥିଲେ।

### ବିଶ୍ୱ କର୍କଟ ଦିବସ ପାଳିତ

**ଝାରବନ୍ଧ, ୪।୨ (ଡି.ଏନ.ଏ)**

ବରଗଡ ଜିଲା ଝାରବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଗୁରୁବାର ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। କର୍କଟ ରୋଗ ପ୍ରତି ସଚେତନତା ନିତାନ୍ତ ଜରୁରୀ ବୋଲି ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଡା. ମଧୁସ୍ମିତା ମେହେର କହିଥିଲେ । ଡା. ଗାୟତ୍ରୀ ନନ୍ଦ, ସୁଦାମ ମିର୍ଦ୍ଧା ଏହି ରୋଗ ଉପରେ ବିଶଦ ଆଲୋଚନା କରିଥିଲେ ।

# ସାହାଣୀ କପ୍ ଟୁର୍ନାମେଣ୍ଟ ପାଇଁ ଦଳ ଚୟନ



ସାହାଣୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ଚୟନ ହୋଇଥିବା ଖେଳାଳିମାନେ ।

**ତରବୋଡ/ନୂଆପଡା ଅଫିସ, ୪।୨ (ଡି.ଏନ.ଏ.)**

ନୂଆପଡା ଜିଲା ମିନି ଷ୍ଟାଡିୟମଠାରେ ବୁଧବାର ସାହାଣୀ କପ୍ ଫୁଟ୍‌ବଲ ଟୁନାମେଣ୍ଟ ପାଇଁ ଜିଲାର ଦଳ ଚୟନ କରାଯାଇଛି। ଏଥିରେ ଜିଲାର ୫ଟି ବ୍ଲକ ଓ ୩ଟି ଏନଏସିର ୬୦ଜଣ ଖେଳାଳି ଯୋଗଦେଇଥିଲେ। ସେଥି ମଧ୍ୟରୁ ୧୫ ଜଣଙ୍କୁ ଚୟନ କରାଯାଇଛି। ଚୟନ କମିଟିରେ ଜିଲା ଫୁଟବଲ ସଂଘ ସଭାପତି ସରୋଜ ସାହୁ, ଚେୟାରମ୍ୟାନ ସଞ୍ଜୁ ପୁରୋହିତ, ପ୍ରକାଶ ସାହୁ, ସୁଧିର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଚୟନ କରିଥିଲେ। ପ୍ରକାଶ ଯେ, ଆସନ୍ତା ୬ ତାରିଖରେ ସୁନ୍ଦରଗଡଠାରେ ଅନୁଷ୍ଠିତ ହେବାକୁ ଥିବା ସାହାଣୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ନୂଆପଡା ଜିଲାର ସଞ୍ଜୟ ଯାଦବ, ଡୋଲାମଣି ନାଏକ, ଡୋଲାମାନି ଶବର, ସନ୍ତୋଷ ମଲ୍ଲିକ, ସନନ୍ଦା ଦଲେଇ, ବିଶ୍ୱଜିତ ପୋଦ, ଦିଲୀପ ପୋଡ, ତୁସାର ରଞ୍ଜନ ନାଗ, କୋଦନ୍ଦ, ଅର୍ଜୁନ, ଗଜିନ, ରାହୁଲ ଶବର, ଅଶୋକ ମାଝି, ରବି ଯାଦବ, ଖଗେଶ୍ୱର ହେର୍ଣ୍ଡା ପ୍ରମୁଖ ଖେଳାଳି ଚୟନ ହୋଇ ଜିଲା ପାଇଁ ପ୍ରତିନିଧିତ୍ୱ କରିବେ। ରାଜୁ ଖର୍ସେଲ, ବଳରାମ ସରାଫ, ହରିହର ସାହୁ ପ୍ରମୁଖ ସହେଯାଗ କରିଥିଲେ।

# ବାଲ୍ୟବିବାହ ମୁକ୍ତ ଗ୍ରାମରେ ବୈଠକ

**ଡୁଙ୍ଗୁରିପାଲି, ୪।୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଲଇଁଲକଟା ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ଘୋଷିତ ହୋଇଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ସମନ୍ୱିତ ଶିଶୁ ବିକାଶ ଯୋଜନା, ଡୁଙ୍ଗୁରିପାଲି ପକ୍ଷରୁ ୱାର୍ଡ ନଂ. ୧, ୨ ଓ ୩ ରେ ବାଲ୍ୟ ବିବାହ ମୁକ୍ତ ଗ୍ରାମର ପ୍ରଥମ ବୈଠକ ମଣ୍ଡଳ ପରିଦର୍ଶିକା ଖ୍ରୀଷ୍ଟାଦ୍ଧୀ ପୂଜାହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଏସଏଚଜି ସଦସ୍ୟାମାନଙ୍କୁ ନେଇ ହୋଇଥିଲା। ବୈଠକରେ ଲଇଁଲକଟା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଧନେଶ୍ୱର ଷଡଙ୍ଗୀ ବାଲ୍ୟ ବିବାହ ସମ୍ପର୍କିତ ଆଇନ ବିଷୟରେ ବୁଝାଇଥିଲେ। ଅଙ୍ଗନୱାଡି କର୍ମୀ ପୁଷ୍ପାଞ୍ଜଳି ଦାଶ ଧନ୍ୟବାଦ ଦେଇଥିଲେ ।

# କୋଭିଡ୍ ଯୋଦ୍ଧାଙ୍କୁ ଟିକାକରଣ

**ପାଇକମାଳ, ୪।୨ (ଡି.ଏନ.ଏ)**

ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତ ପରିସରରେ ଗୁରୁବାର କୋଭିଡ ଯୋଦ୍ଧାଙ୍କୁ ଟିକାକରଣ କରାଯାଇଛି। ଏଥିରେ ସରପଞ୍ଚ ରମ୍ଭା ତାଣ୍ଡି ମୁଖ୍ୟଅତିଥି, ବୁକୁରାମୁଣ୍ଡା ଚିକିତ୍ସାଧିକାରୀ ସୌମ୍ୟରଞ୍ଜନ ଦାଶ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ତୁଷ କୁମାର ଚନ୍ଦ୍ରକାର, ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ରେବତୀ ମୋହନ ଜେନା, ସ୍ୱାସ୍ଥ୍ୟ ପରିଦର୍ଶକ ଚନ୍ଦ୍ରଭାନୁ ଚନ୍ଦ୍ରକାର, ସ୍ୱାସ୍ଥ୍ୟ ପରିଦର୍ଶିକା ପାଞ୍ଚାଳୀ ସୁନା, ଆୟୁଷ ଚିକିତ୍ସାଧିକାରୀ ଡା. ଅନୀତା ମିଶ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଅଞ୍ଚଳର ସମସ୍ତ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ତଥା ସହାୟିକା ମାନଙ୍କୁ ଟିକା ଦିଆଯାଇଥିଲା। ସ୍ୱାସ୍ଥ୍ୟକର୍ମୀ ଭ୍ରମର ପୂଝାରୀ, ପ୍ରଦୀପ ସାହୁ, ଉଷାବତୀ ଲୁହାର, ପଦ୍ମନୀ ପଣ୍ଡା, ସୁମିତ୍ରା ଶବର, ଆରତୀ ବାଗ, ତ୍ରିବେଣୀ ବାଗ ଟିକାକରଣ କରିଥିଲେ । ଏଥିରେ ମୋଟ ୯୪ ଜଣଙ୍କୁ ଟିକା ଦିଆଯାଇଥିଲା ।



କୋଭିଡ ଯୋଦ୍ଧାଙ୍କୁ ଟିକା ଦିଆଯାଉଛି।

# କୀଟନାଶକ କର୍କଟ ରୋଗର କାରଣ

**ବରଗଡ଼ ଅଫିସ୍,୪।୨**

**ବିଶ୍ୱ କର୍କଟ ଦିବସ ପାଳନରେ ମତ**

ବରଗଡ଼ ରାଣାପ୍ରତାପ ହାଇସ୍କୁଲ ପରିସରରେ ଗୁରୁବାର ବିଶ୍ୱ କର୍କଟ ଦିବସ ପାଳିତ ହୋଇଛି। କୋଶଳ ଟାଇମ୍ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ କୋଶଳ ଟାଇମ୍ ସମ୍ପାଦକ ସଞ୍ଜୀବ ମହାପାତ୍ର ପ୍ଲାଷ୍ଟିକ ବର୍ଜନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସାମାଜିକ ଅନୁଷ୍ଠାନ ଚେତନାର ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ ମୁଖ୍ୟଅତିଥି, ବରଗଡ଼ ମହିଳା କଲେଜର ଅଧ୍ୟାପକ ରାଧାକାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ କ୍ୟାନ୍‌ସର ସଚେତନତା ଉପରେ ବକ୍ତବ୍ୟ ରଖିଥିଲେ। ଅବ୍ୟବସ୍ଥିତ ଜୀବନଶୈଳୀ, ଅତ୍ୟଧିକ ରାସାୟନିକ ସାର ଓ କୀଟନାଶକର ପ୍ରୟୋଗ କ୍ୟାନ୍‌ସର ସମେତ ବିଭିନ୍ନ ବ୍ୟାଧିର ପ୍ରମୁଖ କାରଣ ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ରାଣାପ୍ରତାପ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଡାକ୍ତର ଭୋଇଙ୍କୁ କ୍ୟାନସର ଫାଇଟର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷକ ସୁଧାଂଶୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବରଗଡ଼ର ବିକାଶ ଡିଗ୍ରୀ କଲେଜରେ ସ୍ଥାନୀୟ ଯୁବ ରେଡ୍‌କ୍ରସ ସଂସ୍ଥା ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନେ ବିକାଶ ମଲ୍ଟି ସ୍ପେଶିଆଲିଟି ହସ୍‌ପିଟାଲକୁ ଯାଇ କ୍ୟାନ୍‌ସର ଉପରେ ସଚେତନତା ସୃଷ୍ଟି କରିଥିଲେ। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଅଧ୍ୟକ୍ଷ ଅଜୟ ମହାପାତ୍ର, ବିକାଶ ସ୍କୁଲ ଅଫ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହିତ ଅନ୍‌ଲାଇନରେ ଏକ ସଚେତନତାମୂଳକ ପୋଷ୍ଟର ମେକିଂ ପ୍ରତିଯୋଗିତା ହୋଇଥିଲା। କଲେଜର ଉପାଧ୍ୟକ୍ଷ ଆର୍‌ଏସ୍‌ଭି କ୍ରୀଷ୍ଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ସୁରଜ ପଣ୍ଡା, ଅବଦୁଲ୍ ରିଦ୍ ଖାନ, ଆଭାସ ଭୋଇ, ଅଧ୍ୟାପିକା ସ୍ମିତାମୟୀ ପ୍ରଧାନ ସଂଯୋଜନା କରିଥିଲେ।



ବରଗଡ଼ ବିକାଶ ଡିଗ୍ରୀ କଲେଜରେ ବିଶ୍ୱ କର୍କଟ ଦିବସ ପାଳନ ।

## ସାଧାରଣ ୱାର୍ଡରେ ଯକ୍ଷ୍ମାରୋଗୀ ଭର୍ତ୍ତି ହେବାକୁ ନେଇ ଅସନ୍ତୋଷ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସାଧାରଣ ୱାର୍ଡରେ ଦୁଇଜଣ ଯକ୍ଷ୍ମା ରୋଗୀଙ୍କୁ ବୁଧବାର ଭର୍ତ୍ତି କରାଯାଇଥିଲା। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସାଧାରଣ ୱାର୍ଡରେ ଜଣେ ଯକ୍ଷ୍ମାରୋଗୀଙ୍କୁ କିପରି ଭର୍ତ୍ତି କରାଗଲା ତାହାକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ ଦୁଇଜଣ ଯକ୍ଷ୍ମାରୋଗୀ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ପରାମର୍ଶ ଦେଇ ବଲାଙ୍ଗୀର ଭୀମ ଭୋଇ ମେଡିକାଲ ପଠାଇବା କଥା। ହେଲେ ଡାକ୍ତର ତାହା ନ କରି ଡାକ୍ତରଖାନାର ପୁରୁଷୱାର୍ଡରେ ଭର୍ତ୍ତି କରିଥିଲେ। ଏ ସମ୍ପର୍କରେ ଡାକ୍ତର ଶେଖର ପଧାନଙ୍କୁ ପଚାରିବାରୁ ଏମିତି ନ ହେବା କଥା ବୋଲି କହିଛନ୍ତି।

**ସଂକ୍ଷେପରେ**

## କଣ୍ଟେନ୍‌ମେଣ୍ଟ ଜୋନ ବ୍ୟାରିକେଡ୍ ନାଁରେ ଟଙ୍କା ଲୁଟ୍ ଅଭିଯୋଗ

- ଭିଜିଲାନ୍ସ ତଦନ୍ତ ପାଇଁ ଲିଖିତ ଅଭିଯୋଗ ଦାଖଲ
- ପୂର୍ତ୍ତ ବିଭାଗ ଅଧିକାରୀଙ୍କ ସମ୍ପୃକ୍ତି ସନ୍ଦେହ

**ବଲାଙ୍ଗୀର ଅଫିସ, ୪।୨:** କରୋନା ମହାମାରୀ ସମୟରେ ସଂକ୍ରମଣ ରୋକିବା ପାଇଁ ବଲାଙ୍ଗୀର ଜିଲାରେ ଅନେକ ସ୍ଥାନରେ କଣ୍ଟେନମେଣ୍ଟ ଜୋନ ଓ ବଫର ଜୋନ୍ କରାଯାଇଥିଲା। ଏଥିସକାଶେ ବାଉଁଶ ବ୍ୟାରିକେଡ୍ କରାଯାଇଥିଲା। ଏଥିରେ ଦୁର୍ନୀତି ହୋଇଥିବା ଅଭିଯୋଗ କରାଯାଇଛି। ବ୍ୟାରିକେଡ୍ ତିଆରି ନାଁରେ ପୂର୍ତ୍ତ ବିଭାଗର କେତେକ ଅଧିକାରୀ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରିଥିବା ସନ୍ଦେହ କରାଯାଉଛି। ବଲାଙ୍ଗୀରର ବରିଷ୍ଠ ଓକିଲ ଭବାନୀ ଶଙ୍କର ଶତପଥୀ ସମ୍ବଲପୁର ଭିଜିଲାନ୍ସ ଏସ୍‌ପି ଓ ବଲାଙ୍ଗୀର ଭିଜିଲାନ୍ସ ଡିଏସ୍‌ପିଙ୍କୁ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। କରୋନା ମହାମାରୀ ସମୟରେ ବ୍ୟାରିକେଡ ତିଆରି ଓ ଏହାର ଦୁର୍ନୀତି ସଂକ୍ରାନ୍ତରେ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ବ୍ୟାରିକେଡ୍ ତିଆରିରେ ମାତ୍ର କେଇଖଣ୍ଡ ବାଉଁଶ ଦିଆଯାଇ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରାଯାଇଛି। ସହରର ୭ଟି ପଡାରେ କଣ୍ଟେନମେଣ୍ଟ୍ ଜୋନ ଓ ବଫର ଜୋନ୍ କରାଯାଇଥିଲା। ଜିଲା ପ୍ରଶାସନ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଥିବାବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିବା ଅଭିଯୋଗ କରିଛନ୍ତି। ଏସବୁର ବିହିତ ତଦନ୍ତ କରାଯିବାକୁ ଓକିଲ ଶତପଥୀ ଦାବି ଜଣାଇଛନ୍ତି।

## ଦୁର୍ଘଟଣାରେ ଆହତ ଯୁବକଙ୍କୁ ଡାକ୍ତରଖାନା ନେବା ବେଳେ ମୃତ୍ୟୁ

**ବାଉଁଶୁଣୀ, ୪।୨ (ଡି.ଏନ.ଏ):** ବୌଦ୍ଧ ଜିଲା ବାଉଁଶୁଣୀ ଥାନା ସାହାଜପାଲ ନିକଟ କନକପୁର ଛକରେ ବୁଧବାର ଏକ ବାଇକ୍ ଧକ୍କାରେ ଗୁରୁତର ଆହତ ହୋଇଥିବା ଗୁରୁ ସାହୁଙ୍କର ବୁର୍ଲା ଡାକ୍ତରଖାନାକୁ ନେବା ବେଳେ ବାଟରେ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ସନ୍ଧ୍ୟାରେ ୫୭ନଂ ଜାତୀୟ ରାଜପଥର କନକପୁର ଛକ ଦେଇ ଚାଲି ଚାଲି ଯାଉଥିବା ନିକଟସ୍ଥ ସିଦ୍ଧପୁର ଗ୍ରାମର ଗୁରୁ(୩୫)ଙ୍କୁ ସମ୍ମୁଖ ପଟୁ ଆସୁଥିବା ଓଡି ୨୭ଏ -୬୮୯୮ ନଂ ଏକ ବାଇକ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଖବରପାଇ ଦମକଳବାହିନୀ ପହଞ୍ଚି ବାଉଁଶୁଣୀ ଡାକ୍ତରଖାନା ନେଇଥିଲେ। ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯିବା ବେଳେ ମୃତ୍ୟୁ ଘଟିଥିଲା। ମୃତ ଗୁରୁ ବାଉଁଶୁଣୀ ଛକରେ ଥିବା ଏକ ହୋଟେଲରେ ଜଳଖିଆ ମିସ୍ତ୍ରୀ ଭାବେ କାର୍ଯ୍ୟ କରି ପରିବାର ଚଲାଉଥିଲେ। ଗତକାଲି ହୋଟେଲରେ କାମ ସାରି ବସ ଯୋଗେ ସାହାଜପାଲ ଯାଇ ସେଠାରୁ ଚାଲି ଚାଲି ନିଜ ଗ୍ରାମକୁ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଅପରପକ୍ଷରେ ବାଇକ୍ ଚାଳକ ମଧ ଆହତ ହୋଇଥିବା ଜଣାଯାଇଛି।

# ଜୈବ ବିବିଧତା ଐତିହ୍ୟସ୍ଥଳୀ ହେବ ଗନ୍ଧମାର୍ଦ୍ଦନ

**ଜୈବ ବିବିଧତା ପରିଚାଳନା ସମିତିର ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ**

ବଲାଙ୍ଗୀର ଅଫିସ, ୪।୨

ବଲାଙ୍ଗୀର ଓ ବରଗଡ ଜିଲା ସମୀରେଖାରେ ଥିବା ଗନ୍ଧମାର୍ଦ୍ଦନ ପାହାଡକୁ ଜୈବ ବିବିଧତା ଐତିହ୍ୟସ୍ଥଳୀ ଭାବେ ଘୋଷଣା କରାଯିବ। ଏନେଇ ଓଡିଶା ଜୈବ ବିବିଧତା ବୋର୍ଡ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ସ୍ଥାନୀୟ ମେଗା ନର୍ସରୀଠାରେ ଗୁରୁବାର ଅନୁଷ୍ଠିତ ଜୈବ ବିବିଧତା ପରିଚାଳନା ସମିତିର ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରେ ଏ ନେଇ ସୂଚନା ଦିଆଯାଇଛି। ଓଡିଶା ଜୈବ ବିବିଧତା ବୋର୍ଡ ଓ ବଲାଙ୍ଗୀର ବନଖଣ୍ଡ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ପିସିସିଏଫ୍ ତଥା ଓଡିଶା ଜୈବ ବିବିଧତା ବୋର୍ଡ ଅଧ୍ୟକ୍ଷ ମାଲୋଥ୍ ମୋହନ, ଜୀବବିଜ୍ଞାନୀ ଡା. ସତ୍ୟନାରାୟଣ ବେହେରା, ବନସ୍ପତି ବିଜ୍ଞାନୀ ପ୍ରସାଦ କୁମାର ଦାଶ, ବୋର୍ଡ ସଂଯୋଜକ ଶୁଭ୍ରାଂଶୁ ନାୟକ ଯୋଗଦେଇଥିଲେ। ବଲାଙ୍ଗୀର ବନଖଣ୍ଡ ଅଧିକାରୀ ସମୀର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଆସିଷ୍ଟାଣ୍ଟ କଞ୍ଜରଭେଟର ଅଫ୍ ଫରେଷ୍ଟ ବାବାଜୀ ଚରଣ ରାଉଳ ସଂଯୋଜନା କରିଥିଲେ। ଏହି ସଭାରେ ଜିଲା ଜୈବ ବିବିଧତା ବୋର୍ଡ ଓ ଜିଲା ବନ ସୁରକ୍ଷା ସମିତି ସଦସ୍ୟା, ସଦସ୍ୟ,



ଜୈବ ବିବିଧତା ପରିଚାଳନା ସମିତିର ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜିଲାର ରେଞ୍ଜର ଓ ଫରେଷ୍ଟର, ଜିଲାର ବିଶିଷ୍ଟ ବୈଦ୍ୟମାନେ ଉପସ୍ଥିତ ଥିଲେ। ଜିଲାର ଜୈବ ବିବିଧତାର ସୁରକ୍ଷା ଉପରେ ସଭାରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲା ଜୈବ ବିବିଧତା ବୋର୍ଡ ସଦସ୍ୟ ଓ ବୈଦ୍ୟମାନେ ଜିଲାରୁ ଗୁରୁତ୍ୱପୂର୍ଣ୍ଣ ଓ ଅତ୍ୟନ୍ତ ବିରଳ ଔଷଧୀୟ ଗୁଳ୍ମ ଓ ଜଡିବୁଟିର ବେଆଇନ୍ ଚାଲାଣକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରିଥିଲେ। ଏସବୁର ସୁରକ୍ଷା ଉପରେ ଜିଲା ଜୈବ ବିବିଧତା ବୋର୍ଡ ସଦସ୍ୟ ଓ ବୈଦ୍ୟମାନେ ଗୁରୁତ୍ୱାରୋପ କରିଥିଲେ। ଜୈବ ବିବିଧତା ପାଇଁ ସାରା ଭାରତରେ ଖ୍ୟାତି ଲାଭ କରିଥିବା ମେଦା, ଚନ୍ଦୁର ଚେର, ତେଜରାଜ, ଭରତବାଟ, ଛୁରିଆ କନ୍ଦା, ରକ୍ତଖାଇ, ରକ୍ତମହାଜଳ, କାମରାଜ, ନାଗରମଥା ଭଳି ଅନେକ ବିରଳ ଔଷଧୀୟ ଗୁଳ୍ମ ଟ୍ରକ୍ ଭର୍ତ୍ତି କରି ଅତି ଅଳ୍ପ ମୂଲ୍ୟ ଦେଇ ରାଜ୍ୟ ବାହାରକୁ ଚାଲାଣ ହୋଇସାରିଛି ବୋଲି ସୂଚନା ଦେଇଥିଲେ। ଏସବୁ ଔଷଧୀୟ ଜଡିବୁଟି ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ରହିଥିବାବେଳେ ଏହାକୁ ଅବିଚାରିତ ଭାବେ ଚାଲାଣ କରାଯାଉଛି ବୋଲି କହିଥିଲେ। କିଭଳି ଭାବେ ଏସବୁ ଔଷଧୀୟ ଗୁଳ୍ମ ଓ ଜଡିବୁଟିର ସୁରକ୍ଷା ହୋଇପାରିବ ସେ ନେଇ ପଦକ୍ଷେପ ନେବାକୁ ସମସ୍ତେ ଦାବି କରିଥିଲେ। ଏଦିଗରେ ଓଡିଶା ଜୈବ ବିବିଧତା ବୋର୍ଡ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛନ୍ତି। ଗନ୍ଧମାର୍ଦ୍ଦନକୁ ଜୈବ ବିବିଧତା ଐତିହ୍ୟ ସ୍ଥଳୀ ଭାବେ ଘୋଷଣା କରିବାକୁ ସୁପାରିଶ କରାଯାଇଛି। ଏଦିଗରେ ସ୍ଥାନୀୟ ଜିଲା ଜୈବ ବିବିଧତା ବୋର୍ଡ, ବୈଦ୍ୟ ସମାଜ ଓ ସଚେତନ ନାଗରିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମୁଖ୍ୟଅତିଥି ପିସିସିଏଫ୍ ମୋହନ ସୂଚନା ଦେଇଥିଲେ। ଏହି ସଭାରେ ଔଷଧୀୟ ଗୁଳ୍ମ ସହ ବିରଳ ବନ୍ୟ ପ୍ରାଣୀ ସୁରକ୍ଷା ଉପରେ ମଧ ଜୋର ଦିଆଯାଇଥିଲା। ସଭାରେ ଜିଲା ଜଙ୍ଗଲ ସୁରକ୍ଷା ଫୋରମ୍ ଆବାହକ କୁଳମଣି ସାହୁ, ବୈଦ୍ୟ ଦେବାନନ୍ଦ ସାହୁ, ଝସକେତନ ଗୁରୁ, ଶାନ୍ତନୁ କୁମାର ବୁଦ୍ଧିଆ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଦେଇଥିଲେ।

## ପ୍ରଶାସନ କଲାନି, ରାସ୍ତା ସଫେଇ କଲେ ଗ୍ରାମବାସୀ

ଲୋଇସିଂହା,୪।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମ୍ୟ ମୁଖ୍ୟ ରାସ୍ତା ଶୋଚନୀୟ ହୋଇ ପଡିଥିଲା। ଯାତାୟାତ ବେଳେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଗତ ଦୁଇଦିନ ହେଲା ଗ୍ରାମ ସ୍ୱଚ୍ଛତା କମିଟି ଆନୁକୂଲ୍ୟରେ ଗ୍ରାମବାସୀ ସାମୂହିକ ଶ୍ରମଦାନ କରି ସଫେଇ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ୭ୱାର୍ଡ ବିଶିଷ୍ଟ ଯୋଗୀସର୍ଡା ପଞ୍ଚାୟତର ସଦର ଗାଁର ଜନସଂଖ୍ୟା ପାଖାପାଖି ୭ ହଜାର। ଗ୍ରାମର ମୁଖ୍ୟ ରାସ୍ତା ସମେତ, ଗଉନ୍ତିଆପଡା, ହରିଜନପଡା, ବାଞ୍ଛିପଡା, କୁମ୍ଭପଟିଆ ପଡା, ପଧାନ ପଡା ଓ ଥନାପତି ପଡାରେ କଂକ୍ରିଟ ହୋଇ ମଧ୍ୟ ରାସ୍ତା ଶୋଚନୀୟ ହୋଇଛି। ଗ୍ରାମ ମୁଣ୍ଡରୁ ଶେଷ ପର୍ଯ୍ୟନ୍ତ ମୁଖ୍ୟରାସ୍ତାରେ ଡ୍ରେନ ବ୍ୟବସ୍ଥା ନାହିଁ। ଫଳରେ ବର୍ଷାଦିନେ ପାଣି କଂକ୍ରିଟ ମୁଖ୍ୟ ରାସ୍ତା ଉପରେ ପାଣି ଛୁଟିଆଏ। ପଟୁମାଟି କଂକ୍ରିଟ ରାସ୍ତା ଉପରେ ଜମା ହୋଇ ରହିଛି। ସେହିପରି ମୁଖ୍ୟରାସ୍ତା ଉପରେ ଗ୍ରାମବାସୀ ଗୃହ ନିର୍ମାଣ ପାଇଁ ବାଲିମାଟି ଗଦା କରି ରଖିଛନ୍ତି। ଗ୍ରାମକୁ ଯୋଗାଣ ହେଉଥିବା ପାଇପ ପାଣିର ସୁବ୍ୟବସ୍ଥା ନାହିଁ। ବସ୍ତିରେ ଗୋଟିଏ ବି ଷ୍ଟାଣ୍ଡପୋଷ୍ଟ ଠିକ୍ ଭାବରେ କାର୍ଯ୍ୟ କରୁନାହିଁ। ତେଣୁ ଲୋକେ ପାଇପ ଫଟାଇ ପାଇପ ସଂଯୋଗ କରି ପାଣି ସଂଗ୍ରହ କରୁଛନ୍ତି। ଫଳରେ ପାଇପ ପାଣି ରାସ୍ତାରେ ଭାସି ଶୋଚନୀୟ ହୋଇପଡିଥିଲା। ପ୍ରଶାସନ ଏହାର ପ୍ରତିକାର ଦିଗରେ କୌଣସି ପଦକ୍ଷେପ ନେଲାନି। ଫଳରେ ୯ ଜଣିଆ ସ୍ୱଚ୍ଛତା କମିଟି ଓ ୫ ଜଣିଆ ଉପଦେଷ୍ଟା ମଣ୍ଡଳୀ ଗଠନ କରି ଗ୍ରାମବାସୀ ରାସ୍ତା ସଫେଇ କରିବାକୁ ନିଷ୍ପତ୍ତି ନେଇଥିବା କମିଟି ସଭାପତି ରଶ୍ମି ପ୍ରଧାନ କହିଛନ୍ତି। ମୁଖ୍ୟରାସ୍ତା ଉପରେ ବାଲିମାଟି, ଆବର୍ଜନା ପକାଉଥିବା ବ୍ୟକ୍ତିଙ୍କଠାରୁ ଜରିମାନା ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ କମିଟି ପକ୍ଷରୁ ପ୍ରସ୍ତାବ ପାରିତ କରାଯାଇଛି। ଖବର ପାଇବା ପରେ ବିଡିଓ ରାମଚନ୍ଦ୍ର ଖାଡିଆ ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେଇଥିବା ସଭାପତି ପ୍ରଧାନ କହିଛନ୍ତି।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ବୌଦ୍ଧ,୪।୨(ସ୍ୱ.ପ୍ର.)

ବୌଦ୍ଧ ଜିଲାର ଅନେକ ଗ୍ରାମରେ ନଳକୂପଗୁଡିକରୁ ଫ୍ଲୋରାଇଡଯୁକ୍ତ ପାଣି ବାହାରୁଥିବା ନେଇ ଅଭିଯୋଗ ହୋଇଆସୁଛି। ଏହାର ପ୍ରତିକାର କରାଯାଉ ନ ଥିବାରୁ ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଗୁରୁବାର ଏଭଳି ଅଭିଯୋଗ ନେଇ ବୌଦ୍ଧ ବ୍ଲକ ଶଗଡା ପଞ୍ଚାୟତର ଝାଙ୍କରପଡା ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଅବସରରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

ସୂଚନା ମୁତାବକ, ଝାଙ୍କରପଡା ଗ୍ରାମବାସୀ ବର୍ଷକ ତଳେ ଗ୍ରାମର ନଳକୂପରୁ ଫ୍ଲୋରାଇଡଯୁକ୍ତ ପାଣି ବାହାରୁଥିବାରୁ ଆଉ ଦୁଇଟି ନଳକୂପ ଖୋଳିବାକୁ ଜିଲାପାଳଙ୍କ ନିକଟରେ ନିବେଦନ କରିଥିଲେ। ଜିଲାପାଳ ଏ ସଂପର୍କରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଗ୍ରାମର ନଳକୂପରୁ ପାଣି ନମୂନା ସଂଗ୍ରହ



ଦାବିପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀ।

**ନଳକୂପରୁ ବାହାରୁଛି ଫ୍ଲୋରାଇଡଯୁକ୍ତ ପାଣି**

କରାଯାଇ ପରୀକ୍ଷା ପାଇଁ ନିଆଯିବା ପରେ ବିଭାଗୀୟ କର୍ମଚାରୀଙ୍କ ଆଉ ଦେଖା ମିଳି ନ ଥିଲା। ପରୀକ୍ଷା ରିପୋର୍ଟ ସଂପର୍କରେ ବ୍ଲକର ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରେ ଫ୍ଲୋରାଇଡଯୁକ୍ତ ପାଣି ବାହାରୁଥିବାରୁ ନଳକୂପର ପାଣି ବ୍ୟବହାର ନ କରିବାକୁ ଗ୍ରାମବାସୀଙ୍କୁ କହିଥିଲେ। ଗ୍ରାମରେ ୫୦୦ ଲୋକଙ୍କ ପାଇଁ ମାତ୍ର ତିନୋଟି ନଳକୂପ ରହିଥିବା ବେଳେ ସେଥିରୁ ଦୁଇଟି ନଳକୂପର ପାଣି ବ୍ୟବହାର ଉପଯୋଗୀ ନୁହେଁ। ତେଣୁ ଆଉ ଦୁଇଗୋଟି ନଳକୂପ ଖୋଳିବାକୁ ଦାବି ହୋଇ ଆସୁଥିବା ବେଳେ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଗ୍ରାମବାସୀଙ୍କୁ ପାନୀୟ ଜଳ ସଂଗ୍ରହ ପାଇଁ ପ୍ରାୟ ତିନି କିଲୋମିଟର ଦୂର ଯିବାକୁ ପଡୁଛି। ଆଗକୁ ଗ୍ରୀଷ୍ମଦିନ ଆସୁଥିବାରୁ ପାଣି ପାଇଁ ଗ୍ରାମବାସୀଙ୍କ ଚିନ୍ତା ବଢିଛି। ଆସନ୍ତା ୭ଦିନ ମଧ୍ୟରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରା ନ ଗଲେ ଜାତୀୟ ରାଜପଥ ଅବରୋଧ କରିବାକୁଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ସ୍ୱୟଂ ସହାୟକ ଗୋଷ୍ଠୀକୁ ନେଇ ପ୍ରଶିକ୍ଷଣ ଶିବିର

ବିନିକା,୪।୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ଶଙ୍କରା ଗ୍ରାପ କାର୍ଯ୍ୟାଳୟରେ ଗୁରୁବାର ୧୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ଦିନିକିଆ ପ୍ରଶିକ୍ଷଣ ଶିବିର ଓ ଋଣ ପ୍ରଦାନ ମେଳା ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ ଓଡିଶା ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ନିଉଲାଇଫ୍ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଶିବିର ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କୌଡିଆମୁଣ୍ଡା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ମିଳନ କୁମାର ଭୋଇ, ସମ୍ମାନିତ ଅତିଥିଭାବେ ସୀମା ବେହେରା ଓ ଶଙ୍କରା ଗ୍ରାପ ସରପଞ୍ଚ ଆଶା ପ୍ରଧାନ ଯୋଗ ଦେଇଥିଲେ। ଶିବିର ପରିଚାଳନା କରିଥିଲେ ନିଉଲାଇଫ୍ ଫାଉଣ୍ଡେସନର ଅଧ୍ୟକ୍ଷ କଳାକାହ୍ନୁ ଦୀପ। ଏହି ପରିପ୍ରେକ୍ଷୀରେ ୧୪ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ, କୌଡିଆମୁଣ୍ଡା ପକ୍ଷରୁ ଋଣ ପ୍ରଦାନ କରାଯାଇଥିଲା। ବିନିକା ବ୍ଲକ ସଂଯୋଜକ ଉଜ୍ୱଳ ବିଭାର ଧନ୍ୟବାଦ ଦେଇଥିଲେ।

## କଳାପଥର କ୍ରିକେଟ: ଭୁଦୋବର ଚାମ୍ପିୟନ




ଅତିଥିମାନେ ଚାମ୍ପିୟନ ଭୁଦୋବର ଦଳକୁ ପୁରସ୍କୃତ କରୁଛନ୍ତି।

ଅମରପାଲି, ୪।୨ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଳାପଥର ହାଇସ୍କୁଲ ପଡିଆରେ ଚାଲିଥିବା କଳାପଥର କ୍ରିକେଟ କପ୍‌ର ଫାଇନାଲରେ କୋଟସମଲାଇକୁ ହରାଇ ଭୁଦୋବର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ତିନିଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ଭୁଦୋବର ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ ୧୧୮ରନ କରିଥିଲା। ଜବାବରେ କୋଟସମଲାଇ ନିର୍ଦ୍ଧାରିତ ୧୨ଓଭରରେ ୭ଉଇକେଟ ହରାଇ ୯୦ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ଭୁଦୋବର ନିର୍ଦ୍ଧାରିତ ୭ଓଭରରେ ୬ ଉଇକେଟ ହରାଇ ୫୧ରନ କରିଥିଲା। କୋଟସମଲାଇ ଆବଶ୍ୟକ ୫୨ରନକୁ କୌଣସି ଉଇକେଟ ନ ହରାଇ ୬ ଓଭରରେ ସଂଗ୍ରହ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚ ଜିଣିବାରୁ ସୁପର-୩ ଓଭର କରାଯାଇଥିଲା। ଏଥିରେ କୋଟସମଲାଇ ୩ ଓଭରରେ ୨ ଉଇକେଟ ହରାଇ ୩୬ ରନ କରିଥିବା ବେଳେ ଭୁଦୋବର ୩ ଓଭରରେ ୪ ଉଇକେଟ ହରାଇ ୩୭ ରନ କରିଥିଲା। ଫଳରେ ଭୁଦୋବର ୨-୧ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ବିଜୁ ମେଣ୍ଡିଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ମିତାଲି ମହାକୁର ମୁଖ୍ୟଅତିଥି ଏବଂ କଳାପଥର ସରପଞ୍ଚ ଧିବର ଭୁକ୍ତା ଓ ବୀରମହାରାଜପୁର ଶାଖା ଡୁମାଳ ସମାଜ ଯୁବ ସଭାପତି ସମିତ ମହାକୁର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଭୁଦୋବରର ଚିଣ୍ଟୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ, କୋଟସମଲାଇର ଅନୀଲଙ୍କୁ ମ୍ୟାନ ଅଫ୍ ଦି ସିରିଜ ଓ ବାସୁଦେବଙ୍କ ଏମରଜିଙ୍ଗ ପ୍ଲେୟାର ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଦଳକୁ ନଗଦ ୭ ହଜାର ୧ ଶହ ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ନଗଦ ୪ ହଜାର ୧ଶହ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା।

# ସିଦ୍ଧାର୍ଥ ଡିଗ୍ରୀ କଲେଜରେ ଯୁଥ୍ ରେଡକ୍ରସ୍‌ର ପ୍ରଶିକ୍ଷଣ

ବିନିକା,୪।୨(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜ ଯୁଥ ରେଡକ୍ରସ ସୋସାଇଟି ଆନୁକୂଲ୍ୟରେ ସଂକୁଳସ୍ତରୀୟ ଯୁଥ ରେଡକ୍ରସ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଶିବିର କଲେଜ ସଭାଗୃହରେ ୩ଦିନ ଧରି ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଶିବିରରେ ମୁଖ୍ୟଅତିଥିଭାବେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ସମ୍ମାନିତ ଅତିଥି ଜିଲା ରେଡକ୍ରସ ସଂଯୋଜକ ଉମାକାନ୍ତ ନାଗ ଏବଂ ସିଦ୍ଧାର୍ଥ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ରେଖା




ଶିବିର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି।

ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଦାଶ କହିଥିଲେ ଯେ, ଯୁଥ ରେଡକ୍ରସ ସର୍ବଦା ମାନବବାଦୀ। ଏହି ଦୃଷ୍ଟିରୁ ଯୁଥ ରେଡକ୍ରସର କର୍ତ୍ତବ୍ୟ ବିଷୟରେ ପ୍ରଶିକ୍ଷଣ ନେବା ଜରୁରୀ ବୋଲି ସେ କହିଥିଲେ। କଲେଜ ଅଧ୍ୟକ୍ଷ ଧୀରେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଶିବିରକୁ ପରିଚାଳନା କରିଥିଲେ କଲେଜର ଯୁଥ ରେଡକ୍ରସ ସୋସାଇଟି ଯୁବ ମରାମର୍ଶଦାତା ବିଶ୍ୱନାଥ ମିଶ୍ର। ପରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବକୁ ବିଘ୍ନେଶ୍ୱର ପୂଜାରୀ ପରିଚାଳନା କରିଥିଲେ। ଶିବିରରେ ବିନିକା ମେଡିକାଲ ଅଧିକାରୀ ଡ. ଦିଲୀପ କୁମାର ପାଣ୍ଡିଆ, ମା' ଉମାଦେବୀ କଲେଜ ଅଧ୍ୟାପକ ଉଦ୍ଧବ କୁମାର ପଧାନ, ଜିଲା ପରିବହନ ଅଧିକାରୀ ରବିନ କୁମାର ପଟ୍ଟନାୟକ, ସିଦ୍ଧାର୍ଥ ଡିଗ୍ରୀ କଲେଜ ଅଧ୍ୟକ୍ଷ ନାୟକ ଏବଂ ପ୍ରାଣୀ ବିଜ୍ଞାନର ଅଧ୍ୟାପିକା ଦିବ୍ୟାଲୋକା ମହାପାତ୍ର ପ୍ରଶିକ୍ଷଣ ଦେଇଥିଲେ। ସବ୍ୟସାଚୀ ଦନ୍ତା, ବିଜୟ କୁମାର ସାହୁ, ସୁରୁନନୀ ବେହେରା, ଜୟନ୍ତୀ ଘିବେଲା, ଭଗବାନ ସାହୁ, ମାନସ ରଞ୍ଜନ ମିଶ୍ର, ଦିପ୍ତିରାଣୀ ସ୍ୱାଇଁ, ମିତାଳୀ ପଧାନ, ଜାନକୀ ସାମନୀ ଏଥିରେ ସହଯୋଗ କରିଥିଲେ।

## ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଛି ବିଦ୍ୟୁତ୍ ତାର

ଲାଠୋର, ୪।୨(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ଲାଠୋର ଶିବ ମନ୍ଦିର ପଡାରେ ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ତାର ଝୁଲି ରହିଛି। ବିଭାଗୀୟ କର୍ମଚାରୀ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନାହାନ୍ତି। ସୂଚନା ଅନୁସାରେ ପଡ଼ାର ମୁଖ୍ୟ ରାସ୍ତାରୁ ତାର ଟାଣି ଲୋକଙ୍କୁ ବିଦ୍ୟୁତ୍ ଯୋଗାଣ କରାଯାଇଛି। ହେଲେ ହରିହର ସେଠଙ୍କ ଘର ନିକଟରେ ବିଦ୍ୟୁତ୍ ତାର ଝୁଲି ରହିଛି। ସେହି ରାସ୍ତାରେ ଗଲାବେଳେ ଲୋକେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବା ଆଶଙ୍କା ରହିଛି। ତାରକୁ ଉଚ୍ଚକୁ ନ ଟାଣିବା ଯାଏ ଆମମାନଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ପଡାର ଦିଲୀପ ନାଏକ, ଦିଲୀପ ବାରିକ, ଗୌରୀଶଙ୍କର ଥନାପତି, ପ୍ରମୁଖ ପଡାବାସୀ ପ୍ରକାଶ କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ନେବାକୁ ଦାବିହେଉଛି।

# ଦୋଳ ମହୋତ୍ସବ ରୌପ୍ୟ ଜୟନ୍ତୀ ଲୋଗୋ ଉନ୍ମୋଚିତ

ବଲାଙ୍ଗୀର ଅଫିସ, ୪।୨

ବଲାଙ୍ଗୀର ଯାଦବ ଭବନ ପରିସରରେ ଦୋଳ ମହୋତ୍ସବ ରୌପ୍ୟ ଜୟନ୍ତୀ ଉପଲକ୍ଷେ ଗୁରୁବାର ଲୋଗୋ ଉନ୍ମୋଚିତ ହୋଇଛି। ପୌରାଞ୍ଚଳ ସଭାପତି ପଙ୍କଜ ସେଲମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ସମଲେଶ୍ୱରୀ ମନ୍ଦିରରୁ ଆଜ୍ଞାମାଳ ଆଣି ଯାଦବ ଭବନ ପରିସରରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଯାଦବ ସାମାଜ କର୍ମକର୍ତ୍ତା ଉପସ୍ଥିତିରେ ଲୋଗୋ ଉନ୍ମୋଚିତ ହୋଇଥିଲା। ଚଳିତ ବର୍ଷ ଦୁଇଦିନ ଧରି ବାଡିଖେଳ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ମରଣିକା, ଶୋଭାଯାତ୍ରା, ସହର ପରିକ୍ରମା କରାଯିବାକୁ ନିଷ୍ପତ୍ତି ହୋଇଥିବା ଦୋଳ ପୂର୍ଣ୍ଣିମା ପୂଜା କମିଟି ସଭାପତି ଜୟଦେବ ଜାଲ ସୂଚନା ଦେଇଛନ୍ତି। ପୂର୍ବତନ ସମ୍ପାଦକ ଡମନ ବଗର୍ତ୍ତି, ପୌରାଞ୍ଚଳ ସମ୍ପାଦକ ଅରକ୍ଷିତ ଜୁଏଡ, ଖରତମଲ ରାଉତ, ଆକୁଳ ବଗର୍ତ୍ତି, ହୃଷିକେଶ ବନଛୋର, ଦେବରାଜ ନାଗ, ଖୁସିରାମ ଦୀପ, ଶେଷ ପୋଡ, ଶଙ୍କର ପୋଡ, ଆକୁଳ ରାଉତ ଉପସ୍ଥିତ ଥିଲେ। ଶେଷରେ ପ୍ରଶାନ୍ତ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।



ବଲାଙ୍ଗୀର ଯାଦବ ସମାଜ ଦୋଳ ମହୋତ୍ସବ ରୌପ୍ୟ ଜୟନ୍ତୀ ଉପଲକ୍ଷେ ଲୋଗୋ ଉନ୍ମୋଚିତ କରାଯାଉଛି।

# ବୌଦ୍ଧରେ ରେଳ କାର୍ଯ୍ୟାଳୟ ଖୋଲିବା ଦାବି ତେଜିଲା

ବୌଦ୍ଧ,୪।୨(ସ୍ୱ.ପ୍ର.)

କେନ୍ଦ୍ର ସରକାର ୨୦୨୧-୨୨ ରେଳ ବଜେଟରେ ରାଜ୍ୟର ଖୋର୍ଦ୍ଧା-ବଲାଙ୍ଗୀର ୩୦୧ କି.ମି. ରେଳ ପ୍ରକଳ୍ପ ନିର୍ମାଣ ପାଇଁ ୧ ହଜାର କୋଟି ୫୦ ଲକ୍ଷ ଟଙ୍କାର ଅନୁଦାନ ରାଶି ଯୋଗାଇ ଦେଇଛନ୍ତି। ଏହି ରେଳପଥରେ ବର୍ତ୍ତମାନ ଖୋର୍ଦ୍ଧାରୋଡଠାରୁ ନୟାଗଡ ପର୍ଯ୍ୟନ୍ତ ରେଳ ଗଡିସାରିଥିବା ବେଳେ ବଲାଙ୍ଗୀର ପଟୁ ୧୯ କି.ମି. ଭଁଇସାପାଲି ଯାଏଁ ରେଳ ଗଡିସାରିଛି। ନୟାଗଡ ଜିଲାରେ ଜମି ଅଧିଗ୍ରହଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ସୁବର୍ଣ୍ଣପୁର ଜିଲାରେ ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ କରାଯାଇ ରେଳପଥ କାର୍ଯ୍ୟ ଆରମ୍ଭ କରାଯାଇଛି। ତେବେ ଏହି ରେଳପଥର ସର୍ବାଧିକ ୧୧୦ କି.ମି. ବୌଦ୍ଧ ଜିଲାରେ ଥିବା ବେଳେ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବା ଜଣାପଡିଛି। ଏନେଇ ବୌଦ୍ଧ ଜିଲା ରେଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲାରେ ରେଳ ବିଭାଗ ପକ୍ଷରୁ କାର୍ଯ୍ୟାଳୟ ଖୋଲିବାକୁ ପତ୍ର ମାଧ୍ୟମରେ ଦାବି ହୋଇଛି।

ବୌଦ୍ଧ ଜିଲାରେ ସମୁଦାୟ ୧୦୫ ଟି ଗ୍ରାମ ଦେଇ ରେଳପଥ ଯାଉଛି। ସେଥିମଧ୍ୟରୁ କଣ୍ଟାମାଳ ତହସିଲର ୯ଗୋଟି ଗ୍ରାମ, ବୌଦ୍ଧ ତହସିଲର ୩୩ଗୋଟି ଗ୍ରାମ, ହରଭଙ୍ଗା ତହସିଲର ୫୬ ଗୋଟି ଗ୍ରାମ ଓ ୭ଗୋଟି ଗ୍ରାମ୍ୟ ଜଙ୍ଗଲ ଜମି ଦେଇ ରେଳପଥ ନିର୍ମାଣ ହେବ ବୋଲି ଜଣାପଡିଛି। ହରଭଙ୍ଗା ବ୍ଲକର ୩ ଗୋଟି ଗ୍ରାମ ଗୁଣ୍ଡୁରିବିଡା, ସିଙ୍ଗାଣିବିଡା ଓ ଭଉଁରୀପଥର ଗ୍ରାମରେ ମିଳିତ ସର୍ଭେ କାର୍ଯ୍ୟ ଚାଲୁ ରହିଛି। ବର୍ତ୍ତମାନ ଜିଲାପାଳଙ୍କ ନିର୍ଦ୍ଦେଶରେ ତିନିଗୋଟି ତହସିଲର ତହସିଲଦାର ଓ ରେଳ ବିଭାଗ ଭୂ ଅର୍ଜନ ଅଧିକାରୀ ମିଳିତ ଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି। ସରସରା ଗ୍ରାମରେ ନିର୍ମାଣ ହେବାକୁ ଥିବା ବୌଦ୍ଧର ମୁଖ୍ୟ ରେଳ ଷ୍ଟେସନର ଜମି ମଧ ଚଳିତ ମାସ ଶେଷ ସୁଦ୍ଧା ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଜମି ଅଧିଗ୍ରହଣ ପାଇଁ ୨୧ କୋଟି ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଛି। ଆସନ୍ତା ମାର୍ଚ୍ଚ ମାସ ପୂର୍ବରୁ ସମସ୍ତ ଘରୋଇ ଜମି ଅଧିଗ୍ରହଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ରେଳବିଭାଗକୁ ଦିଆଯିବ ବୋଲି ଭୂଅର୍ଜନ ଅଧିକାରୀ ଅମୂଲ୍ୟ କୁମାର ସାହୁ ପ୍ରକାଶ କରିଛନ୍ତି। ସେହିପରି ଜିଲାରେ ଥିବା ଜଙ୍ଗଲ ଜମିଗୁଡିକ ମଧ ଆସନ୍ତା ମାର୍ଚ୍ଚ ମାସ ପୂର୍ବରୁ ରେଳବିଭାଗକୁ ହସ୍ତାନ୍ତର ହୋଇଯିବ ବୋଲି ବୌଦ୍ଧ ଡିଏଫ୍ଓ. ପ୍ରକାଶ କରିଛନ୍ତି। ଏପଟେ ତେଲନଦୀ ଉପରେ ସେତୁ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ସରି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଅନ୍ୟ ସେତୁ ପାଇଁ ଟେଣ୍ଡର ପ୍ରକ୍ରିୟା ଚାଲୁ ରହିଛି। ଖୋର୍ଦ୍ଧା ବଲାଙ୍ଗୀର ରେଳ ପ୍ରକଳ୍ପରେ ସର୍ବାଧିକ ରେଳପଥ ୧୧୦ କିଲୋମିଟର କେବଳ ବୌଦ୍ଧ ଜିଲାରେ ନିର୍ମାଣ ହେବାକୁ ଥିବା ବେଳେ ରେଳବିଭାଗ ପକ୍ଷରୁ ଆଜି ପର୍ଯ୍ୟନ୍ତ ଏଠାରେ କାର୍ଯ୍ୟାଳୟ ଖୋଲାଯାଇ ନାହିଁ। ଫଳରେ କାର୍ଯ୍ୟରେ ଅଗ୍ରଗତି ହୋଇପାରୁନାହିଁ ବୋଲି ସଂପୃକ୍ତ ଅଧିକାରୀମାନେ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଆସନ୍ତା ବଜେଟରେ ପ୍ରତିଶ୍ରୁତି ମୁତାବକ ଅର୍ଥ ଯୋଗାଇ ଦେଲେ ବୌଦ୍ଧରେ ୨୦୨୩ ସୁଦ୍ଧା ରେଳ ଚଳାଚଳ କରିବା ସମ୍ଭାବନା ରହିଛି।